ବର୍ଷ-୨୬, ସଂଖ୍ୟା-୨୪୭
ଭୁବନେଶ୍ୱର
ସେପ୍ଟେମ୍ବର, ୧୨, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 247
Bhubaneswar
September, 12, 2026, Saturday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୟୁଏଇରୁ ଆସିଲା ୨.୪୩ ଲକ୍ଷ କୋଟିର ନିବେଶ

## ‘ଦୁବାଇ ରୋଡ୍‌ସୋ’ରେ ୪୦୦ ନିବେଶକ ଓ ବ୍ୟବସାୟୀଙ୍କ ଯୋଗଦାନ




ଦୁବାଇ/ଭୁବନେଶ୍ୱର, ୧୧।୯(ମହାଭାରତ): ୟୁଏଇ ମାଟିରେ ଓଡିଶାର ଶିଳ୍ପ ସମ୍ଭାବନାର ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ତିନିଦିନିଆ ଉଚ୍ଚସ୍ତରୀୟ ପୁଞ୍ଜିନିବେଶ ଅଭିଯାନ ଶେଷ ହୋଇଛି। ଏହି ଗସ୍ତକାଳରେ ରାଜ୍ୟକୁ ମୋଟ ୨ ଲକ୍ଷ ୪୩ହଜାର ୧୬୨ କୋଟି ଟଙ୍କାର ବିଶାଳ ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିବାବେଳେ ମୋଟ ୮ ଲକ୍ଷ ୯୫ହଜାର ୭୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେବାପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୬ ଲକ୍ଷ ୧୮ ହଜାର ୭୨୫ ଜଣ ନିଯୁକ୍ତି ପାଇବା ସହିତ ଆଗାମୀ ୫ବର୍ଷର ନିର୍ମାଣ ପର୍ଯ୍ୟାୟରେ ଆହୁରି ୨ଲକ୍ଷ ୭୭ହଜାର ଅତିରିକ୍ତ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।ଏହି ତିନିଦିନିଆ ସମ୍ମିଳନୀରେ ଅନ୍ତର୍ଜାତୀୟ ନିବେଶକ, ଶିଳ୍ପପତି ଓ ଅନ୍ୟ ପ୍ରତିନିଧିମାନଙ୍କ ସହିତ ୪୬ଟି ୱାନ-ଅନ-ୱାନ ବୈଠକ ଓ ୬ଟି ରାଉଣ୍ଡ ଟେବୁଲ ଆଲୋଚନା ହୋଇଥିଲା। ଏଥିରେ ମୋଟ ୧୬ଟି ପୁଞ୍ଜିନିବେଶ ପ୍ରସ୍ତାବ ଓ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଦୁବାଇରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ପ୍ରାୟ ୪୦୦ ଜଣ ବିଶ୍ୱସ୍ତରୀୟ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଇଣ୍ଟରନ୍ୟାସନାଲ ହୋଲ୍‌ଡିଂ କମ୍ପାନୀ ଓ ଆଦାନୀ ଗ୍ରୁପ୍ ମଧ୍ୟରେ ରଣନୀତିକ ସହଭାଗିତା ସ୍ଥାପନ ହୋଇଥିଲା, ଯାହା ମିନେରାଲ୍ସ, ଗ୍ରୀନ ଏନର୍ଜି ଓ ଶିଳ୍ପ ଭିତ୍ତିଭୂମି କ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପାରମ୍ପରିକ ଖଣିଜ କ୍ଷେତ୍ରଠାରୁ ଆଗକୁ ବଢ଼ି ଭବିଷ୍ୟତର ଉଦୀୟମାନ ଶିଳ୍ପଗୁଡିକ ଉପରେ ଏହି ଅଭିଯାନରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଲଏନଜି ସଂରକ୍ଷଣ ପାଇଁ କାଜବା ପ୍ରୋଜେକ୍ଟ ଭେଞ୍ଚର୍ସ, ଗ୍ରୀନ ଏନର୍ଜି ଓ ଏଆଇ ଡାଟା ସେଣ୍ଟର ପାଇଁ ରାଣା ହୋଲ୍ଡିଂସ, ଆବାସିକ ପ୍ରକଳ୍ପ ପାଇଁ ସରାଫ ଗ୍ରୁପ୍ ଓ ଇସ୍ପାତ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ପିଟିସିଏଲ୍ ଇନଫ୍ରାଷ୍ଟ୍ରକଚର ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।ସେହିଭଳି ଜାହାଜ ମରାମତି କ୍ଷେତ୍ରରେ ଡାଲୱିନ୍ ମେରାଇନ୍ ଓ ଟର୍ବୋ ପାୱାର୍ ଇଞ୍ଜିନିୟରିଂ, ରକେଟ୍ ପ୍ରୋପେଲାଣ୍ଟ ଉତ୍ପାଦନ ପାଇଁ ଆଇଅନ୍ ଟେକ୍ନୋଲୋଜିଜ୍ ଓ ସାର ତଥା ରାସାୟନିକ ପଦାର୍ଥ ପାଇଁ ଆଗ୍ରିଫିଲଡସ କମ୍ପାନୀ ନିଜର ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍ ପରିଦର୍ଶନ କରି ଉନ୍ନତ ପ୍ରଯୁକ୍ତିବିଦ୍ୟାର ଅନୁଧ୍ୟାନ କରିଥିବାବେଳେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିବେଶକମାନଙ୍କୁ ସରକାରଙ୍କ ତରଫରୁ ଦ୍ରୁତ ଅନୁମୋଦନ ଓ ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେଇଛନ୍ତି।ଅନ୍ୟପକ୍ଷରେ ଦୁବାଇରେ ଆୟୋଜିତ ଏକ ଭବ୍ୟ ସମାବେଶରେ ୮୦୦ରୁ ଅଧିକ ପ୍ରବାସୀ ଓଡିଆ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଶାସ୍ତ୍ରୀୟ ଓଡିଶୀ, ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାଜ୍ୟର ‘ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ’ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ସଚିବ,ଶିଳ୍ପ ସଚିବଙ୍କ ସମେତ ରାଜ୍ୟରୁ ଯାଇଥିବା ଟିମ୍ ଓ ଭାରତୀୟ ରାଷ୍ଟ୍ରଦୂତଙ୍କ ଉପସ୍ଥିତିରେ ଏହି ଅଭିଯାନ ଶେଷ ହୋଇଥିବାବେଳେ ପ୍ରସ୍ତାବିତ ନିବେଶକୁ ଗ୍ରାଉଣ୍ଡରେ ତୁରନ୍ତ କାର୍ଯ୍ୟକାରୀ କରି ବିଶ୍ୱସ୍ତରରେ ଓଡିଶାକୁ ଅଗ୍ରଣୀ ନିବେଶକେନ୍ଦ୍ର ଭାବେ ଉପସ୍ଥାପନ କରିବା ନିମନ୍ତେ ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି।

# ମୋଦୀ-ପୁଟିନଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



ନୂଆଦିଲ୍ଲୀ/ଦୁବାଇ/ଭୁବନେଶ୍ୱର, ୧୧।୯(ମହାଭାରତ):: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଶୁକ୍ରବାର ଭାରତ ମଣ୍ଡପମରେ ପ୍ରାୟ ୪୫ ମିନିଟ୍ ଧରି ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପୂର୍ବରୁ ମୋଦୀ ପୁଟିନଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ଓ ତାମିଲ କବି ତିରୁଭଲ୍ଲୁରଙ୍କ ପ୍ରସିଦ୍ଧ କୃତି ‘ତିରୁକ୍କୁରାଲ’ର ରୁଷୀୟ ଅନୁବାଦ ପ୍ରଦାନ କରିଥିଲେ। ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦୀ ଓ ପୁଟିନ ପୁଣି ଥରେ ଗୋଟିଏ କାରରେ ଏକାଠି ଇନୋପ୍ରୋମ୍ ପ୍ରଦର୍ଶନୀକୁ ଯାତ୍ରା କରିଥିଲେ, ଦୁଇ ନେତା ଚତୁର୍ଥ ଥର ପାଇଁ ଗୋଟିଏ କାର୍‌ରେ ଯାତ୍ରା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଓ ପୁଟିନଙ୍କ ମଧ୍ୟରେ କ’ଣ ଆଲୋଚନା ହୋଇଥିଲା ତାହାର ବିବରଣୀ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ରିପୋର୍ଟ ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି ହେବାର ସମ୍ଭବନା ରହିଛି। ଭାରତ ରାଡାରରୁ ସୁରକ୍ଷା ପାଇପାରୁଥିବା ସୁଖୋଇ-୫୭ ଲଢୁଆ ବିମାନ କିଣିପାରେ। ରୁଷ୍ ଏହାକୁ ନିର୍ମାଣ ଓ ଆବଶ୍ୟକୀୟ ପ୍ରଯୁକ୍ତିବିଦ୍ୟା ଅଂଶୀଦାର କରିବାକୁ ପ୍ରସ୍ତାବ ଦେଇଛି। ସୁଖୋଇ-୫୭ ଏକ ଉନ୍ନତ ଗୁପ୍ତ ଯୁଦ୍ଧ ବିମାନ। ୨୦୩୦ ସୁଦ୍ଧା ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବା,ଇନ୍ଧନ, ୟୁକ୍ରେନ୍ ଯୁଦ୍ଧ ସମାପ୍ତି, ପ୍ରତିରକ୍ଷା, ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ସହଯୋଗକୁ ଆହୁରି ମଜବୁତ କରିବା ଉପରେ ବେଠକରେ ଆଲୋଚନା ହୋଇଥାଇପାରେ। ଗତ ସପ୍ତାହରେ ବିସ୍‌କେକରେ ଅନୁଷ୍ଠିତ ସାଂଘାଇ ସହଯୋଗ ସମ୍ମିଳନୀ ଅବସରରେ ମୋଦୀ ଓ ପୁଟିନଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ୟୁକ୍ରେନ୍ ଯୁଦ୍ଧର ତୁରନ୍ତ ସମାପ୍ତି ପାଇଁ ଆହ୍ୱାନ ଦେଇଥିଲେ।

ଦ୍ୱିପାକ୍ଷିକ ବୈଠକ ପୂର୍ବରୁ ଦୁଇ ନେତା ପରସ୍ପରକୁ କ୍ୟାମେରା ସାମ୍ନାରେ ଭେଟିଥିଲେ। ହାତ ମିଳାଇବା ସହ ଆଲିଙ୍ଗନ କରିଥିଲେ।ଏହି ସମୟରେ ପୁଟିନଙ୍କୁ ପ୍ରାଚୀନ ତାମିଲ ସାହିତ୍ୟର ଅନ୍ୟତମ ପ୍ରସିଦ୍ଧ କୃତି ‘ତିରୁକ୍କୁରାଲ’ର ରୁଷୀୟ ଅନୁବାଦ ପୁସ୍ତକ ଉପହାରରେ ଦେଇଛନ୍ତି ମୋଦି। ଏହାକୁ ଗ୍ରହଣ କରି ପୁଟିନ ମଧ୍ୟ ବେଶ ଗଦଗଦ ହୋଇଯାଇଛନ୍ତି। ‘ତିରୁକ୍କୁରାଲ’ ପ୍ରାଚୀନ ତାମିଲ ସାହିତ୍ୟର ଏକ ଅତ୍ୟନ୍ତ ପ୍ରସିଦ୍ଧ କୃତି। କବି ଓ ଦାର୍ଶନିକ ତିରୁଭଲ୍ଲୁଭରଙ୍କ ରଚିତ ଏହି ଗ୍ରନ୍ଥରେ ମୋଟ ୧,୩୩୦ଟି ଦ୍ୱିପଦୀ ୧୩୩ଟି ଅଧ୍ୟାୟ ମଧ୍ୟରେ ରହିଛି। ଏଥିରେ ନୀତି, ନୈତିକତା, ପ୍ରେମ, ଶାସନ, ସମ୍ପଦ ଓ ମାନବୀୟ ଆଚରଣ ଭଳି ବିଭିନ୍ନ ବିଷୟ ଉପରେ ଆଲୋକପାତ କରାଯାଇଛି।

# ଭାରତ ବିଶ୍ୱ ଅଭିବୃଦ୍ଧିର ଇଞ୍ଜିନ : ଆଇଏମ୍ଏଫ୍

ନୂଆଦିଲ୍ଲୀ,୧୧।୯: ଭାରତୀୟ ଅର୍ଥନୀତିର ପ୍ରଦର୍ଶନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରଶଂସା କରି ଏହାକୁ ବିଶ୍ୱ ଅର୍ଥନେତିକ ଅଭିବୃଦ୍ଧିର ଇଞ୍ଜିନ କହିଚି। ଶକ୍ତି ସଙ୍କଟ ଓ ବିଶ୍ୱସ୍ତରରେ ବିଭିନ୍ନ ପ୍ରକାର ଆହ୍ୱାନ ଲାଗିରହିଥିବା ସତ୍ତ୍ୱେ ଭାରତୀୟ ଅର୍ଥନୀତି ଏହାର ଦ୍ରୁତ ଗତି ବଜାୟ ରଖିପାରିଥିବା ଏହି ଅନ୍ତର୍ଜାତୀୟ ସଂସ୍ଥା ଜଣାଇଛି। ଚଳିତ ଆର୍ଥିକବର୍ଷ ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ଦେଶର ବାସ୍ତବ ଜିଡିପି ୭.୮% ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଆଶାଠାରୁ ଅଧିକ ବୋଲି ଆଇଏମ୍ଏଫ୍ କହିଛି।




ଆଇଏମ୍ଏଫ୍‌ର ମୁଖପାତ୍ର ଜୁଲି କୋଜାକ୍‌ଙ୍କ ଅନୁଯାୟୀ, ଭାରତର ଏହି ଅଭିବୃଦ୍ଧିରେ ସେବା କ୍ଷେତ୍ରର ଦୃଢ଼ ପ୍ରଦର୍ଶନ ଓ ରପ୍ତାନି ବୃଦ୍ଧି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବିଶ୍ୱ ବଜାରରେ ଶକ୍ତି ମୂଲ୍ୟ ବୃଦ୍ଧି ଭଳି ଆହ୍ୱାନ ସତ୍ତ୍ୱେ ଭାରତୀୟ ଅର୍ଥନୀତି ଏପର୍ଯ୍ୟନ୍ତ ଉଲ୍ଲେଖନୀୟ ଦୃଢ଼ତା ପ୍ରଦର୍ଶନ କରିଛି। ଚଳିତ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସିକରେ ୭.୮% ଅଭିବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବ ଆକଳନ ୭%ଠାରୁ ମଧ୍ୟ ଅଧିକ। ୨୦୨୫-୨୬ର ଏହି ସମୟରେ ବାସ୍ତବ ଜିଡିପି ୭୫.୪୬ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ତାହା ୮୧.୩୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ଜିଡିପି ଆକଳନ ପଦ୍ଧତିରେ କରାଯାଇଥିବା ପରିବର୍ତ୍ତନ ପାଇଁ ବିଭିନ୍ନ ମହଲ ସରକାରଙ୍କୁ ସମାଲୋଚନା କରୁଛି। କିନ୍ତୁ ଆଇଏମ୍ଏଫ୍ ସେଥିପାଇଁ ଭାରତକୁ ପ୍ରଶଂସା କରିଛି। ନୂତନ ପଦ୍ଧତିକୁ ଏହା ସ୍ୱାଗତ କରି କହିଛି, ନୂଆ ତଥ୍ୟ ଓ ଅଧିକ ସୂକ୍ଷ୍ମ ମୂଲ୍ୟ ସୂଚକ ବ୍ୟବହାର ଦ୍ୱାରା ଅର୍ଥନୀତିର ପ୍ରକୃତ ଚିତ୍ର ଆହୁରି ସଠିକ୍ ଭାବେ ଆକଳନ କରାଯାଇପାରିବ। ବିଶ୍ୱ ଅର୍ଥନୀତିରେ ତେଲ ଦର ଓ ଭୂରାଜନୈତିକ ଅନିଶ୍ଚିତତା ଭଳି ଆହ୍ୱାନ ରହିଥିବା ବେଳେ ଆଗାମୀ ଦିନରେ ଭାରତର ଅଭିବୃଦ୍ଧି ଧାରା କିଭଳି ରହିବ, ତାହା ଉପରେ ନଜର ରହିଛି। ଆଇଏମ୍ଏଫ୍ ଅକ୍ଟୋବରରେ ନିଜର ପରବର୍ତ୍ତୀ ବିଶ୍ୱ ଅର୍ଥନୈତିକ ଆକଳନ ପ୍ରକାଶ କରିବ।

# ଓରାଙ୍ଗୁଟାନ୍‌କୁ ମାଗିଲା ଇଣ୍ଡୋନେସିଆ

ଭୁବନେଶ୍ୱର,,୧୧।୯(ମହାଭାରତ): ବାଲେଶ୍ୱରରୁ ଉଦ୍ଧାର ହୋଇଥିବା ୫ଟି ବିରଳ ଓରାଙ୍ଗୁଟାନ୍ ଶିଶୁକୁ ନେଇ ଆନ୍ତର୍ଜାତିକ ସ୍ତରରେ ନୂଆ ମୋଡ଼ ଆସିଛି। ଇଣ୍ଡୋନେସିଆ ସରକାର ଆନୁଷ୍ଠାନିକ ଭାବେ ଭାରତକୁ ଚିଠି ଲେଖି ଏହି ଶିଶୁ ଓରାଙ୍ଗୁଟାନ୍‌ମାନଙ୍କୁ ଫେରାଇବାକୁ ଅନୁରୋଧ କରିଛି। ଜେନେଟିକ୍ ପରୀକ୍ଷାରେ ସେମାନଙ୍କ ଉତ୍ପତ୍ତି ଇଣ୍ଡୋନେସିଆ ବୋଲି ପ୍ରମାଣିତ ହେଲେ, ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟାରେ ସମସ୍ତ ସହଯୋଗ କରିବାକୁ ଇଣ୍ଡୋନେସିଆ ପ୍ରସ୍ତୁତ ବୋଲି କହିଛି।

ସେପ୍ଟେମ୍ବର ୧୦ ତାରିଖରେ ଇଣ୍ଡୋନେସିଆର ବନ ମନ୍ତ୍ରାଳୟ ଭାରତର ସିଆଇଟିଇଏସ୍‌ଇ ମ୍ୟାନେଜମେଣ୍ଟ ଅଥରିଟିକୁ ପଠାଇଥିବା ପତ୍ରରେ ଘଟଣାର ସମ୍ପୂର୍ଣ୍ଣ ବିବରଣୀ, ଉଦ୍ଧାର ହୋଇଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ଜୈବିକ ନମୁନା ସଂଗ୍ରହ ସମ୍ପର୍କିତ ସୂଚନା ମାଗିଛି। ଉଦ୍ଧାର ହୋଇଥିବା ୫ଟି ଶିଶୁ ମଧ୍ୟରେ ୨ଟି ମାଈ ଓ ୩ଟି ପୁରୁଷ ଓରାଙ୍ଗୁଟାନ୍ ରହିଛନ୍ତି। ସେମାନଙ୍କ ବୟସ ପ୍ରାୟ ୬ରୁ ୮ ମାସ ବୋଲି ଜଣାପଡ଼ିଛି।ଗତ ସେପ୍‌ଟେମ୍ବର ୮ରେ ବାଲେଶ୍ୱର ଜିଲ୍ଲାରେ ଗ୍ରାମବାସୀମାନେ ଏହି ବିରଳ ପ୍ରାଣୀମାନଙ୍କୁ ଦେଖିବା ପରେ ବନ ବିଭାଗ ସେମାନଙ୍କୁ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତରେ ବନ୍ୟପ୍ରାଣୀ ଚୋରାଚାଲାଣ ବିଫଳ ହେବା ପରେ ଏହି ଶିଶୁମାନଙ୍କୁ ପରିତ୍ୟାଗ କରାଯାଇଥିବା ସନ୍ଦେହ କରାଯାଉଛି। ସିଆଇଟିଇଏସ୍‌ଇ ଆପେଣ୍ଡିକ୍ସ-୧ ତାଲିକାରେ ଥିବା ଓରାଙ୍ଗୁଟାନ୍‌ର ଆନ୍ତର୍ଜାତିକ ବାଣିଜ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ। ସେଥିପାଇଁ ଇଣ୍ଡୋନେସିଆ ଚୋରାଚାଲାଣ ରୁଟ୍, ଭାରତକୁ ପ୍ରବେଶ ପଥ ଏବଂ କୌଣସି ସିଆଇଟିଇଏସ୍‌ଇ ପରମିଟ୍ ମିଳିଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ ସୂଚନା ଚାହିଁଛି।ବର୍ତ୍ତମାନ ଓଡ଼ିଶା ପୋଲିସର ସ୍ପେଶାଲ୍ ଟାସ୍କ ଫୋର୍ସ ଓ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ୍ ବ୍ୟୁରୋ ମିଳିତ ଭାବେ ତଦନ୍ତ ଚଳାଇଥିବା ବେଳେ, ଉଦ୍ଧାର ହୋଇଥିବା ସମସ୍ତ ଓରାଙ୍ଗୁଟାନ୍ ଶିଶୁ ଭୁବନେଶ୍ୱରର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସୁରକ୍ଷିତ ରଖାଯାଇଛନ୍ତି। ଅନ୍ୟପଟେ, ରାଜ୍ୟ ସରକାର ସେମାନଙ୍କୁ ସ୍ଥାୟୀ ଭାବେ ନନ୍ଦନକାନନରେ ରଖିବା ପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମତି ମାଗିଥିବା ଖବର ମଧ୍ୟ ସାମ୍ନାକୁ ଆସିଛି।

# କଟକ ଦୁର୍ଗାପୂଜା ପାଇଁ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍

କଟକ,୧୧।୯(ମହାଭାରତ): କଟକ ସହରରେ ଦୁର୍ଗାପୂଜା-୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଭାବେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଯିବ। ପୂଜା କମିଟିଗୁଡ଼ିକୁ ତ୍ୱରିତ ଏନ୍ଓସି ଓ ଅନୁମତି ପ୍ରଦାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି।

ଏନେଇ ଆଜି (ଶୁକ୍ରବାର) କଟକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର କମିସନର କିରଣଦୀପ କୌର ସହୋତା ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଲଜିତ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ମହାନଗର ଶାନ୍ତି କମିଟିର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, କଟକ ସଦର ଉପଜିଲ୍ଲାପାଳଙ୍କୁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମଗ୍ର ବ୍ୟବସ୍ଥାର ତଦାରଖ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମସ୍ତ ସମ୍ପୃକ୍ତ ବିଭାଗ ଜଣେ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତ କରି ପୂଜା କମିଟିଗୁଡ଼ିକର ଆବେଦନକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦାରଖ କରି ନିଷ୍ପତ୍ତି କରିବେ।

ପୂଜା ପେଣ୍ଡାଲ ଓ ଅନ୍ୟାନ୍ୟ ନିର୍ମାଣ ପାଇଁ କୋଠାବାଡି (ଆର୍‌ଆଣ୍ଡବି) ବିଭାଗ ଭିତ୍ତିଭୂମି ନିରାପତ୍ତା ପ୍ରମାଣପତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ ଟିପିକୋଡିଏଲ୍ ବିଦ୍ୟୁତ୍ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବେ। ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ ଦେଇ ଗତବର୍ଷ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀମାନେ ଚଳିତବର୍ଷ ମଧ୍ୟ ନିୟୋଜିତ ରହିବେ। ସମସ୍ତ ପୂଜା ମଣ୍ଡପରେ ପର୍ଯ୍ୟାପ୍ତ ସଂଖ୍ୟକ ଅଗ୍ନିନିର୍ବାପକ ଯନ୍ତ୍ର ରଖିବା ଓ ଜରୁରୀ ସମୟରେ ଏହା ସହଜରେ ଉପଲବ୍ଧ ହେବା ସୁନିଶ୍ଚିତ କରିବାକୁ ଜିଲ୍ଲା ବନାଧିକାରୀ (ଡିଏଫ୍ଓ)ଙ୍କୁ ଦାୟିତ୍ୱ ଦିଆଯାଇଛି।

ପୂଜା ସମୟରେ ବିଧାୟକ, ଅଧିକାରୀ, ସାଂସଦ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ପୂଜା ମଣ୍ଡପ ପରିଦର୍ଶନକୁ ଦୃଷ୍ଟିରେ ରଖି ପୂଜା କମିଟିଗୁଡ଼ିକୁ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏଥିସହ ସାଧାରଣ ଲୋକଙ୍କ ଯାତାୟାତ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ।

ଦେବୀଗଡ଼ା ନିକଟସ୍ଥ ରାସ୍ତାର ସୁବିଧା ସୁନିଶ୍ଚିତ କରିବା ସହ ଅସ୍ଥାୟୀ ଭସାଣି ପୋଖରୀରେ ତାରପୋଲିନ୍ ପରିବର୍ତ୍ତ ରବର୍ ମ୍ୟାଟ୍ କିମ୍ବା ଅନ୍ୟ ଦୃଢ଼ ଓ ଦୀର୍ଘସ୍ଥାୟୀ ସୁରକ୍ଷା ସାମଗ୍ରୀ ବ୍ୟବହାର ପାଇଁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ସମୟରେ ସମସ୍ତ ପୂଜା କମିଟିକୁ ନିର୍ଦ୍ଧାରିତ ନିୟମ, ନିର୍ଦ୍ଦେଶାବଳୀ ଓ ସୁରକ୍ଷା ମାନଦଣ୍ଡ କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଆଗେଇପାରୁନି ଜଳସେଚନ ପ୍ରକଳ୍ପ

## ଅଟକିଥିବା ପ୍ରକଳ୍ପ ଅନୁମୋଦନ ପାଇଁ କେନ୍ଦ୍ର ଆଗରେ ଓଡିଶା ରଖିବ ଦାବି

ଭୁବନେଶ୍ୱର,୧୧।୯(ନି.ପ୍ର.): ଓଡ଼ିଶାର ଜଳସେଚନ ପ୍ରକଳ୍ପରେ କେଉଁଠି ଅଟକିଛି ଅନୁମୋଦନ କେଉଁଠି ଅଟକିଛି କାମ ଆଉ କେଉଁଠି ରହିଛି ଅନ୍ତଃରାଜ୍ୟ ବିବାଦ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପୂର୍ବରୁ ଏବେ ଏହାର ପୂରା ହିସାବ ମାଗିଛନ୍ତି ରାଜ୍ୟ ସରକାର। ୯ଟି ପ୍ରମୁଖ ପ୍ରକଳ୍ପର ୯ଟି ପ୍ରମୁଖ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ, ଅଟକିବାର କାରଣ, ଆବଶ୍ୟକ ହସ୍ତକ୍ଷେପ ଓ ଆଗାମୀ କାର୍ଯ୍ୟପନ୍ଥାର ରିପୋର୍ଟ ଶୀଘ୍ର ଦେବା ପାଇଁ ନିର୍ଦ୍ଦେଶ ଦେଇଛି ଜଳ ସମ୍ପଦ ବିଭାଗ। ତେଣୁ କେନ୍ଦ୍ର ସହ ଆଲୋଚନା ପୂର୍ବରୁ ଏବେ ତଥ୍ୟ ଯୋଗାଡ଼ କରୁଛି ରାଜ୍ୟ। କେଉଁ ପ୍ରକଳ୍ପ କେଉଁଠି ଅଟକିଛି କିଏ ଅଟକାଇଛି କେଉଁଠି ଆବଶ୍ୟକ କେନ୍ଦ୍ରର ହସ୍ତକ୍ଷେପ ସବୁର ତାଲିକା ପ୍ରସ୍ତୁତ ହେଉଛି।



ତେଲ ନଦୀ ସମନ୍ୱିତ ବହୁମୁଖୀ ପ୍ରକଳ୍ପଠାରୁ ଆରମ୍ଭ କରି ତେଲିଜୋର, ଲକ୍ଷ୍ମୀପଥର, କଟାଙ୍ଗି, ଅପର ଉଦନ୍ତୀ, ଲୋୟର ଉଦନ୍ତୀ, ସତିଘାଟ, ଖଡ଼ଗୋ ଓ କଳା ବ୍ୟାରେଜ୍ ଏହି ପ୍ରକଳ୍ପଗୁଡ଼ିକରୁ ଅଧିକାଂଶ ମହାନଦୀ ବେସିନ୍ ସହ ଜଡ଼ିତ। କେତେକ ପ୍ରକଳ୍ପର ଡିପିଆର କିମ୍ବା ଫିଜିବିଲିଟି ରିପୋର୍ଟ କେନ୍ଦ୍ରୀୟ ଜଳ ଆୟୋଗରେ ଦାଖଲ ହୋଇଥିଲେ ମଧ୍ୟ ଆନ୍ତଃରାଜ୍ୟ ପ୍ରସଙ୍ଗ ଓ ମହାନଦୀ ଜଳ ବିବାଦ ଯୋଗୁଁ ପ୍ରକ୍ରିୟା ଆଗକୁ ବଢ଼ିପାରିନି। କେବଳ ମହାନଦୀ ନୁହେଁ ବଂଶଧାରା ଓ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ଅନେକ ପ୍ରକଳ୍ପ ବି ଅଟକି ରହିଛି। ଯାହାଫଳରେ ପ୍ରଭାବିତ ହେଉଛି ଓଡ଼ିଶାର ଜଳ ପରିଚାଳନା ବ୍ୟବସ୍ଥା। ଏବେ କେନ୍ଦ୍ର ଦରବାରରେ ଓଡ଼ିଶାର ଜଳ ପ୍ରକଳ୍ପର ପୂରା ହିସାବ ରଖିବାକୁ ପ୍ରସ୍ତୁତ ରାଜ୍ୟ ସରକାର। ଦେଖାଯାଉ କେବେ ସୁଦ୍ଧା ସମସ୍ୟାର ସମାଧାନ ହେଇପାରୁଛି । ଅପଡେଟ୍ ତଥ୍ୟ ମାଗିଛି ଜଳସମ୍ପଦ ବିଭାଗ।

ମହାନଦୀ, ବଂଶଧାରା, ସୁବର୍ଣ୍ଣରେଖା। ଏହି ନଦୀର ଅବବାହିକାରେ ଅଟକିଥିବା ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ କେନ୍ଦ୍ର ଆଗରେ ଦାବି ରଖିବ ଓଡିଶା ସରକାର । ବିବାଦ ପାଇଁ ରାଜ୍ୟ ସରକାରଙ୍କ ଅନେକ ଗୁଡିଏ ଜଳ ପ୍ରକଳ୍ପ ଅଟକିକି ରହିଛି। କେଉଁଠି ଅନୁମୋଦନର ଅପେକ୍ଷା, ତ କେଉଁଠି ଅନ୍ତଃରାଜ୍ୟ ବିବାଦରେ ଫଶି ପ୍ରକଳ୍ପ କାମ ଆଗକୁ ବଢ଼ିପାରୁନି। ଏହି ସବୁ ପ୍ରକଳ୍ପରେ ବର୍ତ୍ତମାନର ସ୍ଥିତି କଣ ରହିଛି ତାର ରିପୋର୍ଟ ମାଗିଛି ଜଳସମ୍ପଦ ବିଭାଗ।

# ନାମଲେଖା ଡେରି, ପାଠପଢ଼ା ବିଳମ୍ବ

ଭୁବନେଶ୍ୱର,୧୧।୯(ମହାଭାରତ): ଗ୍ରୀଷ୍ମାବକାଶ ପରେ କଲେଜ୍ ଓ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବାର ପ୍ରାୟ ୩ମାସ ଅତିବାହିତ ହେବାକୁ ଯାଉଥିଲେ ମଧ୍ୟ ଏଯାବତ୍ ନୂଆ ଛାତ୍ରଛାତ୍ରୀଙ୍କ ନାମାଙ୍କନ ପର୍ବ ଶେଷ ହୋଇନାହିଁ । ନାମଲେଖା ସରୁସରୁ ଦୁର୍ଗାପୂଜା ଛୁଟି ଆସିଯାଇପାରେ ଏବଂ ତାହା ସହିତ ଗୋଟିଏ ପରେ ଗୋଟିଏ ସେମିଷ୍ଟର ପରୀକ୍ଷା ବି ଆସିଯିବ ।

ଅତ୍ୟଧିକ ଗ୍ରୀଷ୍ମ ପ୍ରବାହଯୋଗୁ ଏବେ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡିକ ଏପ୍ରିଲ ମାସ ସୁଦ୍ଧା ବନ୍ଦ ହୋଇଯାଉଛି । ଏହା ପୂର୍ବରୁ ସ୍କୁଲ ସ୍ତରରେ ପରୀକ୍ଷା ପର୍ବ ଶେଷ କରାଯାଇ ପାଠପା ଆରମ୍ଭ ହେଉଛି । ଗ୍ରୀଷ୍ମ ପ୍ରବାହ ଯୋଗୁ କଲେଜ୍ ଓ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟ ଆଗୁଆ ଖରାଦିନ ଛୁଟି କରୁଛନ୍ତି । ତେବେ ରାଜ୍ୟ ସରକାରଙ୍କ ସ୍ଥିରିକୃତ ଶିକ୍ଷାବର୍ଷ କ୍ୟାଲେଣ୍ଡର ଠିକଣା ଭାବେ ପ୍ରସ୍ତୁତ ହେଉନଥିବା ଏବଂ ସମୟ ନିର୍ଘଣ୍ଟ ପ୍ରସ୍ତୁତ ହେଲେ ସୁଦ୍ଧା ଏହାର ଠିକଣା ଅନୁପାଳନ କରାଯାଉନଥିବାରୁ ନାମାଙ୍କନରେ ବିଳମ୍ବ ଘଟୁଛି ବୋଲି ଅନେକ ଅବସରପ୍ରାପ୍ତ ଅଧ୍ୟାପକ ଓ ଶିକ୍ଷାବିତ୍ ମତ ଦେଉଛନ୍ତି ।ମାର୍ଚ୍ଚ-ଏପ୍ରିଲ ସୁଦ୍ଧା ଯୁକ୍ତ ଦୁଇ, ଯୁକ୍ତ ତିନି ଓ ସ୍ନାତକୋତ୍ତର ପରୀକ୍ଷା ଶେଷ କରି ଜୁନ୍ ମାସ ଶେଷ ସୁଦ୍ଧା ନାମାଙ୍କନ ପର୍ବ ସରିଗଲେ ଜୁଲାଇ ମାସରୁ ନିୟମିତ ପାଠପା ଚାଲିପାରନ୍ତା ଏବଂ ତଦନୁଯାୟୀ ସେମିଷ୍ଟର ପରୀକ୍ଷାଗୁଡିକ ମଧ୍ୟ ଆଗୁଆ ହୋଇପାରନ୍ତା। ଏହାଛଡା ପ୍ରାୟ ୮ବର୍ଷ ଧରି ବନ୍ଦ ଥିବା ଛାତ୍ର ସଂସଦ ନିର୍ବାଚନ ମଧ୍ୟ ପୂଜା ଛୁଟି ପୂର୍ବରୁ ଶେଷ ହୋଇପାରନ୍ତା।

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନଥିବାରୁ ଅତିଥି ଅଧ୍ୟାପକମାନଙ୍କ ଉପରେ ନିର୍ଭର କରି ରାଜ୍ୟରେ କାମଚଳା ଉଚ୍ଚଶିକ୍ଷା ଚାଲିଛି । ଅତିଥି ଅଧ୍ୟାପକମାନେ ଯେତୋଟି ପିରିୟଡ୍ ପାଠ ପାଇବେ ସେହି ଅନୁଯାୟୀ ପାରିଶ୍ରମିକ ପାଇଥାନ୍ତି । ଏମାନେ ପରୀକ୍ଷା ପରିଚାଳନା କିମ୍ବା ଛାତ୍ର ସଂସଦ ନିର୍ବାଚନ ତଦାରଖ ସମେତ କଲେଜ୍ ଓ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟରେ ସାମିଲ ହୋଇପାରିବେ ନାହିଁ । ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ୬୦ ପ୍ରତିଶତରୁ ଅଧିକ ଶିକ୍ଷକ ଓ ୭୦ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ଖାଲି ପଡିଥିବା କୁହାଯାଉଛି । ଆଉଟ ସୋର୍ସିଂ ବ୍ୟବସ୍ଥାରେ କାମ ଚଳାଇବା ପାଇଁ ଅବଶ୍ୟ କିଛି ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ପାଉଛନ୍ତି । ତେବେ ଚାକିରିର ସ୍ଥାୟିତ୍ୱ ଓ ପଦବୀ ଲାଗି ଉଦ୍ଦିଷ୍ଟ ପୂରା ଦରମା ଆଉଟ୍ ସୋର୍ସିଂ କର୍ମଚାରୀମାନଙ୍କୁ ମିଳୁନଥିବାରୁ ସେମାନଙ୍କ ଭିତରୁ ଅନେକ ଗଭୀର ମାନସିକ ଚାପରେ ରହିଥାନ୍ତି ।



ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ୍‌ଗୁଡିକରେ ମଧ୍ୟ ଶିକ୍ଷକ ଓ ଅଣ ଶିକ୍ଷକ ମରୁଡି ପରିସ୍ଥିତି ଲାଗି ରହିଛି । ଏଭଳି ସ୍ଥିତିରେ ନାମାଙ୍କନ ସରୁସରୁ ବିଳମ୍ବ ହେବା ଏବଂ ଛାତ୍ରଛାତ୍ରୀମାନଙ୍କ ସୁବିଧା ଅସୁବିଧା ଉପସ୍ଥାପନ କରିବା ଲାଗି ନିର୍ବାଚିତ ଛାତ୍ର ସଂସଦ ନଥିବା କାରଣରୁ ପିଲାମାନଙ୍କ ସମସ୍ୟା ବିବି ଚାଲୁଛି । ଏବେ ଅଭିଯୋଗ ଆସିଛି ଯେ ରାଜଧାନୀରେ ଥିବା ଏକ ସରକାରୀ ନିୟନ୍ତ୍ରଣାଧୀନ ବିଶ୍ୱବିଦ୍ୟାଳୟରେ ହଷ୍ଟେଲ୍ ସିଟ୍ ବଣ୍ଟନ ଓ କଲେଜ୍ ଲିଭିଂ ସାର୍ଟିଫିକେଟ୍ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଲାଞ୍ଚ କାରବାର ହେଉଛି । ତେବେ ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ । କେତେକ ଅବସରପ୍ରାପ୍ତ କୁଳପତି ଓ ପୂର୍ବତନ ଅଧ୍ୟାପକ କହୁଛନ୍ତି ଯେ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡିକ ପୂରଣ ନହେବା ପଛର ଅନ୍ୟତମ କାରଣ ହେଉଛି ସରକାରଙ୍କ ପାଣ୍ଠିର ଅଭାବ । ୧୯୯୦ ଦଶକରେ ପଦପଦବୀ ଉଚ୍ଛେଦ ଏବଂ ପ୍ରତ୍ୟକ୍ଷ ଓ ପଦୋନ୍ନତି ଭିତ୍ତିରେ ନିଯୁକ୍ତି ଉପରେ ମିତବ୍ୟୟିତା ଆଳରେ ଯେଉଁ କଟକଣା ଜାରି କରାଯାଇଥିଲା ସେଥିରେ ବହୁ ପଦବୀ ଉଚ୍ଛେଦ ହୋଇଛି ଏବଂ ଅର୍ଥ ବିଭାଗର ଅନୁମୋଦନ ବିନା ଖାଲି ପଦବୀ ପୂରଣ ହୋଇପାରୁ ନାହିଁ । ଶିକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ଉନ୍ନତ କରିବା ଲାଗି ଶିକ୍ଷା ବଜେଟ୍‌ରେ ଅଧିକ ଅର୍ଥ ବରାଦ ସହିତ ପଦବୀ ପୂରଣ ଉପରେ ସେମାନେ ଗୁରୁତ୍ୱ ଦେଉଛନ୍ତି ।



# ଜୀବନଚର୍ଯ୍ୟା





## ପ୍ରସ୍ତୁତ କରନ୍ତୁ ଚକଲେଟ



ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକଲେଟ ପସନ୍ଦ ହୋଇଥାଏ। ତେଣୁ କରୋନା ପାଇଁ ବାହାରକୁ ବାହାରି ହେଉନାହିଁ। ଏଣୁ ଘରେ ରହି ମଧ୍ୟ ଆସନ୍ତୁ ଆଜି ପ୍ରସ୍ତୁତ କରିବା ଚକଲେଟ।

ଆବଶ୍ୟକୀୟ ସାମଗ୍ରୀ : ଲୁଣ ନଥିବା ବଟର , ଆଇସିଙ୍ଗ ସୁଗାର, ଭାନିଲା ଇସେନ୍ସ୍, କୋକୋ ପାଉଡ଼ର, ମିଲ୍କି ପାଉଡ଼ର,ଆଲମଣ୍ଡ ଖଣ୍ଡ , ଗୁଆ ଘିଅ।

ପ୍ରସ୍ତୁତି ପ୍ରଣାଳୀ : ଗ୍ୟାସ ଅନ କରି ସେଥିରେ ଏକ ପାତ୍ର ବସାନ୍ତୁ। ଅଳ୍ପ ଗୁଆ ଘିଅ ପକାନ୍ତୁ ସେଥିରେ ଖଣ୍ଡ ଆଲମଣ୍ଡ ପକାଇ ଧୀରେ ଧୀରେ ଭାଜନ୍ତୁ। ଟିକେ କଲର ହେବା ପରେ ତାକୁ ଗାଡି ଦିଅନ୍ତୁ। ଚିନି ଗୁଣ୍ଡ , କୋକୋ ପାଉଡ଼ର , ମିଲକି ପାଉଡ଼ର ଆଦିକୁ ଭଲ ଭାବେ ଏକ ଚଲାରେ ଚଲେଇ ଦିଅନ୍ତୁ। ଯାହା ଦ୍ୱାରା ଏଥିରେ ଥିବା ଖଦଡ଼ା ଅଂଶ ଅଲଗା ହୋଇଯିବ। ଏକ ପାତ୍ର ନିଅନ୍ତୁ ଏବଂ ସେଥିରେ କିଛି ବଟର ପକାନ୍ତୁ। ବଟର ମେଲଟ ହେଲା ପରେ ଚିନି ଗୁଣ୍ଡକୁ ପକାନ୍ତୁ। ଭଲ ଭାବରେ ମିଶିଗଲା ଦୁଇ ବୁଧା ଭାନିଲା , ମିଲକି ପାଉଡ଼ର ଏବଂ କୋକ ପାଉଡ଼ରକୁ ପକାଇ ଭଲ ଭାବେ ମିଶାନ୍ତୁ। ଭଲ ଭାବେରେ ମିଶିଗଲା ପରେ ଏଥିରେ ବାଦାମ ଖଣ୍ଡ ପକାଇ ଦିଅନ୍ତୁ। ଏହ ପରେ ଏହି ମିଶ୍ରଣକୁ ଚକଲେଟ ଛାଞ୍ଚରେ ପକାନ୍ତୁ। ଏହାକୁ ଫ୍ରିଜରେ ରଖନ୍ତୁ। ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହାକୁ ରଖନ୍ତୁ। ଚକଲେଟ ସେଟ ହୋଇଗଲା ପରେ ଏହାକୁ ଛାଞ୍ଚରୁ ବାହାର କରନ୍ତୁ। ପ୍ରସ୍ତୁତ ହୋଇଗଲା ଚକେଲଟ।

..... ପରଦା ଖବର ......

## ୪୮,୬୪୩ ଟଙ୍କାର ମ୍ୟାଟର୍ନିଟି ଆଉଟଫିଟ୍‌ରେ ଦୀପିକାଙ୍କ ଫଟୋସୁଟ୍



ପୁଣିଥରେ ମା’ ହେବାକୁ ଯାଉଛନ୍ତି ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଦୀପିକା ପାଦୁକୋନ । ସ୍ୱାମୀ ରଣବୀର ସିଂହ ଓ ଝିଅ ଦୁଆଙ୍କ ସହ କରାଇଛନ୍ତି ଫ୍ୟାମିଲି ଫଟୋସୁଟ୍ । ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ଫଟୋରେ ପୂରା ପରିବାର ନଜର ଆସିଛନ୍ତି ।ଫଟୋରେ ସବୁଠାରୁ ଅଧିକ ନଜର ଆସିଛନ୍ତି କୁନି ଝିଅ ଦୁଆ । ସିମ୍ପଲ୍ ଓ ଏଲିଗାଣ୍ଟ ଲୁକ୍‌ରେ ଦୀପିକା ମଧ୍ୟ ପୁରା ଛାଇ ଯାଇଛନ୍ତି । ଏହି ଆଉଟଫିଟ୍‌ର ଦାମ୍ ପ୍ରାୟ ୪୮,୬୪୩ ଟଙ୍କା ବୋଲି ଜଣାପଡ଼ିଛି । ହ୍ୱାଇଟ୍ ଲେସ୍ ଓ କଟୱ୍ୱର୍କ ଡିଟେଲିଂ ଦେଇଥିଲା ଲୁକ୍‌କୁ ଏଲିଗାଣ୍ଟ ଟଚ୍ ।ମ୍ୟାଚିଂ ଫ୍ଲୋରାଲ୍ ଲେସ୍ ଟ୍ରାଉଜର ସହ ଦୀପିକାଙ୍କ ମୋନୋକ୍ରୋମ୍ ଲୁକ୍ ଥିଲା ଚର୍ଚ୍ଚାରେ । ବିନା ଜୁଏଲାରୀ ଓ କମ୍ ମେକଅପ୍‌ରେ ଦୀପିକାଙ୍କ ଲୁକ୍ ଦେଖାଯାଉଥିଲା ଖୁବ୍ ସୁନ୍ଦର । ଫଟୋରେ ରଣବୀର ମଧ୍ୟ ହ୍ୱାଇଟ୍ ସର୍ଟ ଓ ଟ୍ରାଉଜରରେ ନଜର ଆସିଥିଲେ । ତେବେ ଫ୍ୟାମିଲି ଫଟୋର ଅସଲ ଷ୍ଟାର୍ ଥିଲେ ଝିଅ ଦୁଆ । ଫଟୋ ସେୟାର କରି ଦୀପିକା ଲେଖିଥିଲେ- ବେବି ଦୁଆ ଏବଂ ଆମ ହୃଦୟ ଆହୁରି ବଡ଼ ହେଉଛନ୍ତି । ଏଠାରେ ସେ ତାଙ୍କ ଗର୍ଭରେ ଥିବା ସନ୍ତାନକୁ ହୃଦୟ ବୋଲି ସମ୍ବୋଧନ କରିଛନ୍ତି ।

## ଗୋଲାପ ଚା’ ପିଇଲେ ଚମକିବ ତ୍ୱଚା ,କମିବ ଓଜନ



ତ୍ୱଚାର ଚମକ ପାଇଁ ଆପଣ ନିଜ ସ୍କିନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି। ଗୋଲାପ ଜଳରୁ ତ୍ୱଚାକୁ ଅତ୍ୟଧିକ ଲାଭ ମିଳିଥାଏ। ତ୍ୱଚାରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ। ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ। ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ। କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଚା’ ବିଷୟରେ କହିବାକୁ ଯାଉଛୁ। ଗୋଲାପ ଚା’ ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ। ଓଜନ କମଠୁ ନେଇ ତ୍ୱଚାରେ ଚମକ ଆଣିବାର କାମ କରୁଥିବା ଏହି ଚା ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

## ଚିତ୍ତରେ କେବଳ ଈଶ୍ୱରଙ୍କୁ ସ୍ମରଣ



ଭାଗବତ ମହାତ୍ମ୍ୟରେ ଏକ ଶ୍ଳୋକ ରହିଛି । “ସଚ୍ଚିଦାନନ୍ଦରୂପାୟ ବିଶୋପୃତ୍ୟାଦିହେତବେ । ତାପତ୍ରୟବିନାଶାୟ ଶ୍ରୀକୃଷ୍ଣାୟ ବୟଂ ନମଃ” ଏହି ଶ୍ଳୋକଟି ସଚ୍ଚିଦାନନ୍ଦରୂପାୟରୁ ଆରମ୍ଭ ହେଉଛି । ଏହାର ଅର୍ଥ ଭାଗବତରେ ଭଗବାନଙ୍କୁ ତିନୋଟି ସ୍ୱରୂପ- ସତ୍, ଚିତ୍ତ ଏବଂ ଆନନ୍ଦ ରୂପେ ଦର୍ଶାଯାଇଛି । ତେଣୁ ଭଗବାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ସତ୍, ଚିତ୍ତ ଏବଂ ଆନନ୍ଦ ମାର୍ଗ ଦେଇ ଯିବାକୁ ପଡ଼ିଥାଏ । ଏହି ତିନୋଟି ବାଟ ଦେଇ ଭଗବାନଙ୍କ ନିକଟରେ ପହଞ୍ଚିହେବ । ଚାହିଁବାମାତ୍ରେ ଭଗବାନ ଚତୁର୍ଭୁଜ ରୂପରେ ପ୍ରକଟ ହୋଇଯିବେ ନାହିଁ । ଭଗବାନଙ୍କ ପ୍ରଥମ ସ୍ୱରୂପ ହେଉଛି ସତ୍ୟ । ତେଣୁ ସତ୍ୟ ମାର୍ଗରେ ଗଲେ ଭଗବାନଙ୍କ ନିକଟତର ହୋଇପାରିବେ । ଚିତ୍ତ ଭଗବାନଙ୍କ ଆଉ ଏକ ସ୍ୱରୂପ । ମନୁଷ୍ୟ ନିଜର ଚିତ୍ତ ବା ହୃଦୟରେ ସର୍ବଦା ଭଗବାନଙ୍କୁ ସ୍ମରଣ କରିବା ଆବଶ୍ୟକ। ଏହାଦ୍ୱାରା ହୃଦୟରେ ଭଗବାନ ବାସ କରିବେ ତଥା ମନୁଷ୍ୟର ଚିତ୍ତ ଶୁଦ୍ଧ ହୋଇପାରିବ । ସେହିପରି ଆନନ୍ଦ ମନୁଷ୍ୟର ମୂଳ ସ୍ୱଭାବ । ଏହାସତ୍ତ୍ୱେ ମନୁଷ୍ୟ ଜଞ୍ଜାଳରେ ବୁଡ଼ିଯାଇ ଜୀବନର ଆନନ୍ଦ ନେବାକୁ ଭୁଲିଯାଇଥାଏ । ତେଣୁ ସତ୍, ଚିତ୍ତ ଏବଂ ଆନନ୍ଦ ଜରିଆରେ ଭଗବାନଙ୍କୁ ପ୍ରାପ୍ତି କରିବା ସମ୍ଭବ । ଭଗବାନଙ୍କୁ ପ୍ରାପ୍ତ କରିବାକୁ ହେଲେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହେବାର ଆବଶ୍ୟକତା ନାହିଁ । ଘର ଛାଡ଼ି ତୀର୍ଥ ବୁଲିବା ଦରକାର ନାହିଁ କିମ୍ବା କଠୋର ରାସ୍ତାରେ ଯାଇ କଠିନ ତପ କରିବାର ଆବଶ୍ୟକତା ନାହିଁ । ଜୀବନରେ ସତ୍ୟ ମାର୍ଗରେ ଗମନ କରିବା ସହ ଚିତ୍ତରେ କେବଳ ଈଶ୍ୱରଙ୍କୁ ସ୍ମରଣ କରିବା ଦ୍ୱାରା ଭଗବତ୍ ପ୍ରାପ୍ତିର ଆନନ୍ଦ ମନୁଷ୍ୟ ପାଇପାରିବ ।

## ରୁଦ୍ରାକ୍ଷର ଧାର୍ମିକ ମହତ୍ୱ



ରୁଦ୍ରାକ୍ଷ ଏକମାତ୍ର ଏମିତି ଫଳ ... ଧର୍ମ, କର୍ମ, ଅର୍ଥ ଏବଂ ମୋକ୍ଷ ପ୍ରଦାନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଶିବ ପୁରାଣ, ପଦ୍ମ ପୁରାଣ, ରୁଦ୍ରାକ୍ଷକଳ୍ପ, ରୁଦ୍ରାକ୍ଷ ମାହାତ୍ମ୍ୟ ଆଦି ରୁଦ୍ରାକ୍ଷ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି । ରୁଦ୍ରାକ୍ଷ ସମସ୍ତଙ୍କ ଲଭଦାୟୀ । କିନ୍ତୁ ମୁଖ ଅନୁସାରେ ଏହାର ମହତ୍ୱ ଭିନ୍ନ ଭିନ୍ନ ରହିଥାଏ । ପ୍ରତ୍ୟେକ ରୁଦ୍ରାକ୍ଷ ଉପରେ ଧାରା ରହିଥାଏ । ଧାରା ଅନୁଯାୟୀ ରୁଦ୍ରାକ୍ଷର ମୁଖ ନିର୍ଣ୍ଣୟ ହୋଇଥାଏ । ରୁଦ୍ରାକ୍ଷ ଏକମୁଖୀରୁ ଏକୋଇଶ ମୁଖୀ ରହିଛି ।

ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ଘରେ ନିୟମିତ ରୁଦ୍ରାକ୍ଷ ପୂଜା ହୋଇଥାଏ । ସେଠାରେ ଅନ୍ନ, ବସ୍ତ୍ର, ଧନର ଅଭାବ ରହେନାହିଁ । ଏମିତି ଘରେ ସର୍ବଦା ମା ଲକ୍ଷ୍ମୀ ବାସ କରନ୍ତି । ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ଧାରଣ କରୁଥିବା ବ୍ୟକ୍ତି କିମ୍ବା ପୂଜା କରୁଥିବା ବ୍ୟକ୍ତି ଶେଷ ସମୟରେ ଶରୀରକୁ ତ୍ୟାଗ କରି ଶିବଲୋକରେ ସ୍ଥାନ ପ୍ରାପ୍ତ କରିଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ସତୀଙ୍କ ଦେହ ତ୍ୟାଗରେ ଶିବ ଅତ୍ୟନ୍ତ ଦୁଖୀ ହୋଇଯାଇଥିଲେ । ଶିବଙ୍କ ଆଖିରୁ ଝରିଥିବା ଲୁହ ଯେଉଁଠାରେ ପଡିଥିଲା । ସେଠାରେ ରୁଦ୍ରାକ୍ଷ ଉତ୍ପତ୍ତି ହୋଇଥିଲା । ସେଥିପାଇଁ



ଶନି ଚନ୍ଦ୍ରମାଙ୍କୁ ପୀଡିତ କରି ଆପଣଙ୍କୁ କଷ୍ଟ ଦିଅନ୍ତୁ, ରୁଦ୍ରାକ୍ଷ ସବୁ ଦୃଷ୍ଟିରୁ ଫଳଦାୟୀ ହୋଇଥାଏ ।

ଯଦି କୁଣ୍ଡଳୀରେ କଳସର୍ପ ଦୋଷ ଥାଏ ଏବଂ ଜୀବନରେ ସମସ୍ୟା ଦେଖାଦିଏ ତାହେଲେ ରୁଦ୍ରାକ୍ଷ ଧାରଣ କଲେ ଅନୁକୂଳ ଫଳ ପ୍ରାପ୍ତ ହୋଇଥାଏ । ଯଦି କୌଣସି ଶୁଭ ଦିନରେ ଗଙ୍ଗା ସ୍ନାନ କରିବାକୁ ଚାହୁଁଛନ୍ତି ଏବଂ କୌଣସି କାରଣବଶତଃ ଗଙ୍ଗାକୂଳକୁ ଯାଇ ନ ପାରନ୍ତି ତାହେଲେ ରୁଦ୍ରାକ୍ଷକୁ ମୁଣ୍ଡରେ ରଖି ଭଗବାନ ଶିବଙ୍କୁ ଧ୍ୟାନ କଲେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତ ହୋଇଥାଏ ।

## ରାବଣର ବଂଶବୃକ୍ଷ

ରାବଣ ଅତ୍ୟନ୍ତ ଶକ୍ତିଶାଳୀ ଥିଲା, ଜ୍ଞାନୀ ଥିଲା ଏବଂ ବ୍ରାହ୍ମଣ ଥିଲା। ହେଲେ ଚରିତ୍ରହୀନ, ଅହଂକାରୀ,



ଅପରିଣାମଦର୍ଶୀ ଥିବାରୁ ତା’ର ପତନ ଘଟିଲା । ରାବଣ ଭଗବାନ ଶିବଙ୍କର ପରମ ଭକ୍ତ ଥିଲା । ତା’ର ଦଶଟି ମସ୍ତକ ଥିଲା । ଏହି ଦଶ ମସ୍ତକ ୬ଟି ଶାସ୍ତ୍ର ଏବଂ ଦୁଇଟି ବେଦର ପ୍ରତୀକ ଥିଲା। ସେଥିପାଇଁ ରାବଣ ପ୍ରକାଣ୍ଡ ପଣ୍ଡିତ ଉପାଧି ପାଇଥିଲା । ରାବଣ ଥିଲା ବିଶ୍ରବା ଋଷିଙ୍କ ପୁତ୍ର । ସାବତ ଭାଇଙ୍କୁ ମିଶାଇ ରାବଣର ୬ ଭାଇଥିଲେ- କୁବେର, ବିଭୀଷଣ, କୁମ୍ଭକର୍ଣ୍ଣ, ଅହିରାବଣ, ଖର ଏବଂ ଦୂଷଣ । ରାବଣର ଦୁଇ ଭଉଣୀ ଥିଲେ- ସୂପର୍ଣଖା ଏବଂ କୁମ୍ଭିନୀ । ମଧୁରାର ରାଜା ମଧୁ ରାକ୍ଷସଙ୍କ ପତ୍ନୀ ଥିଲା କୁମ୍ଭିନୀ । ତା’ର ପୁତ୍ର ଥିଲା ରାକ୍ଷସ ଲବଣାସୁର । ଖର-ଦୂଷଣ, କୁମ୍ଭିନୀ, ଅହିରାବଣ ଏବଂ କୁବେର, ରାବଣର ସାବତ ଭାଇ-ଭଉଣୀ ଥିଲେ । ରାବଣ ତିନି ଜଣ ପତ୍ନୀଙ୍କୁ ବରଣ କରିଥିଲା । ମାୟାସୁରର କନ୍ୟା ମନ୍ଦୋଦରୀ ଥିଲା ରାବଣର ପାଟରାଣୀ । ଏହାବ୍ୟତୀତ ଦମ୍ୟମାଳିନୀ ଏବଂ ଅନ୍ୟ ଜଣେ ସ୍ତ୍ରୀକୁ ରାବଣ ବାହା ହୋଇଥିଲା । ତେବେ ରାବଣର ତୃତୀୟ ପତ୍ନୀ ବିଷୟରେ ସବିଶେଷ ସୂଚନା ଧର୍ମଗ୍ରନ୍ଥରେ ଉଲ୍ଲେଖ ନାହିଁ । ତେବେ ଏହି ପତ୍ନୀ ତିନି ଜଣ ପୁତ୍ରଙ୍କୁ ଜନ୍ମଦେବା ପରେ ରାବଣ ତା’କୁ ବଧ କରିଥିଲା । ରାବଣର ପତ୍ନୀ ଦମ୍ୟମାଳିନୀ ବିଷୟରେ ଏକ ରୋଚକ ପ୍ରସଙ୍ଗ ବର୍ଣ୍ଣିତ । ସୀତା ସ୍ୱୟମ୍ବରରେ ବିଜୟୀ ନହେବା ଫଳରେ ରାବଣ ବିଚଳିତ ହୋଇପଡ଼ିଥିଲା । ଏହି ସମୟରେ ଦମ୍ୟମାଳିନୀ ତା’କୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଥିଲା । ଏହାପରେ ରାବଣ ତା’କୁ ବିବାହ କରିଥିଲା । ରାବଣର ସାତ ଜଣ ପୁତ୍ର ଥିଲେ । ମନ୍ଦୋଦରୀଙ୍କ ଗର୍ଭରୁ ମେଘନାଦ ଏବଂ ଅକ୍ଷୟ କୁମାର, ଦମ୍ୟମାଳିନୀର ଗର୍ଭରୁ ଅତିକାୟ ଏବଂ ତ୍ରିଶୀର ଏବଂ ତୃତୀୟ ପତ୍ନୀ ଗର୍ଭରୁ ତିନି ପୁତ୍ର- ପ୍ରହସ୍ତ, ନରାନ୍ତକ ଏବଂ ଦେବାନ୍ତକଙ୍କ ଜନ୍ମ ହୋଇଥିଲା । ବାଲ୍ମିକୀ ରାମାୟଣରେ ରାବଣର ତୃତୀୟ ପତ୍ନୀ ଠାରୁ ଜାତ ଏହି ତିନିପୁତ୍ରଙ୍କ ବିଷୟରେ ବର୍ଣ୍ଣନା ରହିଛି ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା
ଶନିବାର ୧୨ ସେପ୍ଟେମ୍ବର, ୨୦୨୬


# ଆୟୁର୍ବେଦ ଭବିଷ୍ୟତର ସ୍ୱାସ୍ଥ୍ୟସେବାକୁ ନୂଆ ଦିଗ ଦେଇପାରିବ: ରାଜ୍ୟପାଳ

ଭୁବନେଶ୍ୱର, ୧୧।୯(ମହାଭାରତ): ଆୟୁର୍ବେଦ ଭବିଷ୍ୟତର ସ୍ୱାସ୍ଥ୍ୟ ସେବାକୁ ନୂଆ ଦିଗ ଦେଇ ପାରିବ ବୋଲି ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି ।

ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଭାରତର ପ୍ରାଚୀନ ଜ୍ଞାନ ପରମ୍ପରା ଓ ଭବିଷ୍ୟତର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ମଧ୍ୟରେ ଆୟୁର୍ବେଦ ଏକ ଶକ୍ତିଶାଳୀ ସେତୁ ଭାବେ କାର୍ଯ୍ୟ କରିପାରିବ ।ଭାରତ ସମେତ ବିଶ୍ୱସ୍ତରରେ ଆୟୁର୍ବେଦ ପାଇଁ ସୁଯୋଗ ବଢୁଥିବା ବେଳେ ଏହାର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣଭିତିକ ଅଧ୍ୟୟନ, ଗୁଣାତ୍ମକ ମାନଦଣ୍ଡ ଓ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି।

ଭାରତର ପାରମ୍ପରିକ ଜ୍ଞାନ ପଦ୍ଧତିଗୁଡ଼ିକୁ ନେଇ ବଢୁଥିବା ଆଗ୍ରହ ଆୟୁର୍ବେଦର ନୂଆ ପିଢ଼ିର ବୃତିଧାରୀମାନଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହି ସମୃଦ୍ଧ ପରମ୍ପରାକୁ ଗବେଷଣା, ନବସୃଜନ, ପ୍ରଯୁକ୍ତି ଓ ଆଧୁନିକ ସ୍ୱାସ୍ଥ୍ୟସେବା ପଦ୍ଧତି ସହ ଆଗକୁ ନେବାର ଦାୟିତ୍ୱ ମଧ୍ୟ ସେମାନଙ୍କ ଉପରେ ରହିଛି।

ଏହି ସେତୁକୁ ଆହୁରି ଅଧିକ ମଜବୁତ କରିବାର ଦାୟିତ୍ୱ ସ୍ନାତକମାନଙ୍କର ବୋଲି ରାଜ୍ୟପାଳ କହିଥିଲେ। ଆୟୁର୍ବେଦର ବ୍ୟାପକ ସ୍ୱୀକୃତି ଓ ବିଶ୍ୱସ୍ତରୀୟ ପରିଚୟ ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣ, ଗୁଣାତ୍ମକ ମାନଦଣ୍ଡ ଏବଂ ଦାୟିତ୍ୱପୂର୍ଣ୍ଣ ଚିକିତ୍ସା ପ୍ରଚଳନକୁ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ।



ଆୟୁର୍ବେଦ ସ୍ନାତକମାନଙ୍କ ପାଇଁ ପାରମ୍ପରିକ ଚିକିତ୍ସା କ୍ଷେତ୍ର ବାହାରେ ମଧ୍ୟ ବ୍ୟାପକ ସୁଯୋଗ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଗବେଷଣା, ଶିକ୍ଷା, ଜନସ୍ୱାସ୍ଥ୍ୟ, ଉଦ୍ୟମିତା, ଡିଜିଟାଲ ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମେଡିକାଲ ଭାଲ୍ୟୁ ଟୁରିଜମ୍ ଓ ୱେଲନେସ୍ ସେବା ଭଳି କ୍ଷେତ୍ରରେ ସେମାନେ କ୍ୟାରିୟର ଗଢ଼ିପାରିବେ। କେବଳ ଚାକିରି ଖୋଜିବା ପରିବର୍ତ୍ତେ ଚାକିରି ସୃଷ୍ଟିକର୍ତ୍ତା ହେବାକୁ ରାଜ୍ୟପାଳ ସ୍ନାତକମାନଙ୍କୁ ପରାମର୍ଶ ଦେଇଥିଲେ। ପାରମ୍ପରିକ ଜ୍ଞାନ ସହ ଆଧୁନିକ ପ୍ରଯୁକ୍ତିକୁ ଯୋଡ଼ି ନୀତି ଆଧାରିତ ଓ ବିଶ୍ୱସନୀୟ ଉଦ୍ୟୋଗ ଗଢ଼ିବାକୁ ସେ ଆହ୍ୱାନ ଦେଇଥିଲେ।

ଭାରତୀୟ ଚିକିତ୍ସା ପଦ୍ଧତିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସୁଦୃଢ଼ ଅନୁଷ୍ଠାନ, ଗବେଷଣା, ଆୟୁଷ ସେବାର ବ୍ୟାପକ ସମନ୍ୱୟ ଏବଂ ୱେଲନେସ୍ ?ର ପ୍ରଚାର ମାଧ୍ୟମରେ ଭାରତୀୟ ଚିକିତ୍ସା ପଦ୍ଧତିକୁ ଆହୁରି ଆଗକୁ ନେବାର ଉଦ୍ୟମ ହେଉଛି ବୋଲି କହିଥିଲେ।

ଲୋକଭବନର ୱେଲନେସ୍ ସେଂଟର ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ, ସେ ନିକଟରେ ଏହି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ସେଠାରେ ମୂଲ୍ୟବାନ ଔଷଧୀୟ ଉଦ୍ଭିଦଗୁଡ଼ିକ ସଂରକ୍ଷିତ ହୋଇଥିବା ଦେଖି ଖୁସି ହୋଇଥିଲେ। ଔଷଧୀୟ ଉଦ୍ଭିଦର ଚିକିତ୍ସାତ୍ମକ ଗୁଣ ଓ ଭାରତର ପାରମ୍ପରିକ ଜ୍ଞାନ ପଦ୍ଧତି ସମ୍ପର୍କରେ ଜନସଚେତନତା ବୃଦ୍ଧି ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରସଙ୍ଗ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଭାରତର ଜ୍ଞାନ ପରମ୍ପରାକୁ ବହୁବିଷୟକ ଶିକ୍ଷା, ଗବେଷଣା ଓ ନବସୃଜନ ସହ ଯୋଡ଼ିବାର ଏକ ସୁଯୋଗ ସୃଷ୍ଟି କରିଛି। ପରମ୍ପରାରୁ ମିଳିଥିବା ଜ୍ଞାନକୁ ସୁରକ୍ଷିତ ରଖିବା ସହ ତାହା ଉପରେ ଗବେଷଣା କରିବା ଓ ନୂଆ ଚିନ୍ତାଧାରା ଆଣିବା ମାଧ୍ୟମରେ ଆୟୁର୍ବେଦକୁ ନୂଆ କ୍ଷେତ୍ରକୁ ନେବା ପାଇଁ ରାଜ୍ୟପାଳ ସ୍ନାତକମାନଙ୍କୁ ଆହ୍ୱାନ ଦେଇଥିଲେ।

ଚିକିତ୍ସା କ୍ଷେତ୍ରରେ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଜ୍ଞାନ ଚିକିତ୍ସକଙ୍କୁ ସେବା କରିବାର ଶକ୍ତି ଦିଏ, କିନ୍ତୁ ନୈତିକତା ସେହି ଶକ୍ତିକୁ ସଠିକ୍ ଦିଗ ଦେଇଥାଏ। ରୋଗୀଙ୍କ ଆସ୍ଥାକୁ ସମ୍ମାନ ଜଣାଇ ସଚ୍ଚୋଟତା, ସହାନୁଭୂତି, ନମ୍ରତା ଓ ମାନବିକତାର ସହ ଦାୟିତ୍ୱ ତୁଲାଇବାକୁ ରାଜ୍ୟପାଳ ନବସ୍ନାତକମାନଙ୍କୁ ପରାମର୍ଶ ଦେଇଥିଲେ ।ଅନୁଷ୍ଠାନର ନାମକରଣର ଆଧାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ ସମସ୍ତ ସ୍ନାତକ, ସେମାନଙ୍କ ପରିବାର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଆଗାମୀ ଦିନରେ ଆୟୁର୍ବେଦ ଶିକ୍ଷା, ଗବେଷଣା ଓ ଚିକିତ୍ସା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଆହୁରି ବିକଶିତ ହେବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ ।ଏହି ଅବସରରେ ରାଜ୍ୟପାଳ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରିଥିଲେ ।ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ଆୟୁଷ ନିର୍ଦ୍ଦେଶକ ଶ୍ରୀମତୀ ଅଞ୍ଜନା ପଣ୍ଡା ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀର ୟୁନିୟନ ଆଡଭାଇଜର ଶ୍ରୀ ରଞ୍ଜନ କୁମାର କଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୧।୯(ମହାଭାରତ): ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷ ଶ୍ରୀ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ରାଜ୍ୟ ଗସ୍ତରେ ଆସି ଅନୁସୂଚିତ ଜନଜାତିଙ୍କ ବିକାଶ ଓ କଲ୍ୟାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶ୍ରୀ ଆର୍ଯ୍ୟ ଗତକାଲି ପୁରୀ ଗସ୍ତ କରିଥିବା ବେଳେ ଆଜି ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

ଉକ୍ତ ବୈଠକରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଆଦିବାସୀ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଓ ନିର୍ଦ୍ଦିଷ୍ଟ ଅନୁଶାସନ ଆଧାରିତ ହୋଇଥିବାରୁ ଏହାର ସୁରକ୍ଷା ଓ ମୌଳିକତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଆଦିବାସୀ ଅଂଚଳର ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ସେ ପ୍ରାଧାନ୍ୟ ଦେବା ସହ ବନ ରକ୍ଷା ସମିତି ଓ ବନ ଅଧିକାର ହିତାଗ୍ରାହୀ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।

ଅନୁରୂପ ଭାବେ ଖୋରଧା ଜିଲ୍ଲାରେ ଅନୁସୂଚିତ ଜନଜାତି କଲ୍ୟାଣ, ବିକାଶ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆୟୋଗଙ୍କୁ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଆର୍ଯ୍ୟ ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହାପୂର୍ବରୁ ଏକ ପେଡ ମା କେ ନାମ ଅଭିଯାନର ଅଂଶ ସ୍ୱରୂପ ବୃକ୍ଷ ରୋପଣ କରିବା ସହ ରକ୍ତଶିକୁଳି ସମ୍ପର୍କିତ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିଲେ । ଏଥିସହ ବିଭିନ୍ନ ଉଦ୍ୟୋଗ ଓ ସଂସ୍ଥାରେ କାର୍ଯ୍ୟରତ ଅନୁସୂଚିତ ଜନଜାତି ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପିଜଗମୋହନ ମୀନା,ଆୟୋଗଙ୍କ ନିର୍ଦ୍ଦେଶକ ପୁର୍ଣ୍ଣେନ୍ଦୁ କାନ୍ତ, ଖୋରଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ,ଖୋରାଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ,ବିଏମସି ଅତିରିକ୍ତ କମିଶସନର ସସ୍ମିତା ନାୟକ, କୈଳାଶ ଚନ୍ଦ୍ର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାଶ, ରାଜ୍ୟ ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେଡିଏର ୧୪୪ତମ କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ



କଟକ / ଭୁବନେଶ୍ୱର, ୧୧।୯(ମହାଭାରତ):- କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ.)ର ୧୪୪ତମ କର୍ତ୍ତୃପକ୍ଷ ବୈଠକ ମଙ୍ଗଳବାର କେ.ଡି.ଏ. ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା କେ.ଡି.ଏ. ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ।ବୈଠକରେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶତ୍ରୁଘ୍ନ କର, କେଡିଏ ଉପାଧ୍ୟକ୍ଷା କିରଣଦୀପ କୌର ସହୋତା, କେ.ଡି.ଏ. ସଚିବ ଶ୍ରୀ ଜନକ କୁମାର ନାୟକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ କଟକ ସହରର ନଗରୀୟ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ନାଗରିକ ସୁବିଧାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପଦକ୍ଷେପ ସମୀକ୍ଷା ଓ ଅନୁମୋଦନ କରାଯାଇଥିଲା ।ସୁଚିନ୍ତିତ ଓ ସମନ୍ୱିତ ନଗରୀୟ ବିକାଶ ଉପରେ ଗୁରୁତ୍ୱ ଦେଇ ସେକ୍ଟର-୧୫ର ବିକାଶ କାର୍ଯ୍ୟକୁ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି। ଏଥିସହ ସାମାଜିକ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ସ୍କୁଲ, ହସ୍ପିଟାଲ ଓ କମ୍ୟୁନିଟି ହଲ୍ ନିର୍ମାଣ ଓ ବିକାଶ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମାଜର ସମସ୍ତ ବର୍ଗଙ୍କ ପାଇଁ ସୁରକ୍ଷିତ, ଗୁଣାତ୍ମକ ଓ ସୁଲଭ ଗୃହ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସୁଲଭ ଗୃହ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଚଣ୍ଡୀପ୍ରସାଦ ଟାଉନ୍ ପ୍ଲାନିଂ ସ୍କିମ୍ ?ର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଚାଲୁଥିବା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ମନ୍ତ୍ରୀ କହିଛନ୍ତି ଯେ, 'ଆଜି କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୧୪୪ତମ କର୍ତ୍ତୃପକ୍ଷ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଟକ ସହରର ବିକାଶ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରାଯିବା ସହ କିଛି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି।

## ୭୧ଟି ନୂତନ ଭାବେ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିମନ୍ତେ ଏକ ଦିବସୀୟ ଦିଗଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୧।୯(ମହାଭାରତ):ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ୭୧ଟି ନୂତନ ଭାବେ ଉନ୍ନୀତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ-ତଥା-ଅଧ୍ୟକ୍ଷମାନଙ୍କ ପାଇଁ ଭୁବନେଶ୍ୱରସ୍ଥିତ ବି.ଜେ.ବି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗୋଟିଏ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅନଲାଇନ୍ ନାମଲେଖା ପ୍ରକ୍ରିୟା, ଅତିଥି ଅଧ୍ୟାପକ ଚୟନ ଏବଂ ଅନ୍ୟାନ୍ୟ ଶୈକ୍ଷିକ ଓ ପ୍ରଶାସନିକ କାର୍ଯ୍ୟାବଳୀ ସହିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଦିଗ ବିଷୟରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶିକା ଶ୍ରୀମତୀ ନିୟତି ପଟ୍ଟନାୟକ ବିଦ୍ୟାଳୟସ୍ତରରେ ପ୍ରଶାସନିକ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ନୂତନ ଭାବେ ଉନ୍ନୀତ ହୋଇଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଏବଂ ଛାତ୍ରଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଓ ସଠିକ୍ ମାର୍ଗଦର୍ଶନ ପାଇପାରିବେ, ତାହା ସୁନିଶ୍ଚିତ କରିବା ଉପରେ ସେ ଆଲୋକପାତ କରିଥିଲେ । ସେହିପରି ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଲି ନିର୍ଦ୍ଧାରିତ ନିୟମାବଳୀର ସଠିକ୍ କାର୍ଯ୍ୟକାରିତା ଏବଂ ବିଦ୍ୟାଳୟ ଓ ନିର୍ଦ୍ଦେଶାଳୟ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବିପଦପୂର୍ଣ୍ଣ କୋଠା ବିରୋଧରେ ସରକାରଙ୍କ କଡାକାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧।୯(ମହାଭାରତ):ସହରାଞ୍ଚଳରେ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିପଦପୂର୍ଣ୍ଣ ଓ ଅସୁରକ୍ଷିତ କୋଠାଗୁଡ଼ିକ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସରକାରୀ ଓ ଘରୋଇ କୋଠାଗୁଡ଼ିକୁ ଚିହ୍ନଟ କରି ଯାଞ୍ଚ, ମୂଲ୍ୟାଙ୍କନ ଓ ଆଇନାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିପଦପୂର୍ଣ୍ଣ ସରକାରୀ କୋଠାଗୁଡ଼ିକର ମୂଲ୍ୟାଙ୍କନ ପୂର୍ବରୁ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ନୋଟିସ୍ ମଧ୍ୟ ଜାରି ହୋଇଛି । ଏହି ପ୍ରସଙ୍ଗରେ ଗତକାଲି ବିଭାଗ ସହ ଆଉ ଏକ ସମୀକ୍ଷା ବୈଠକ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

"ମୂଲ୍ୟାଙ୍କନ ଆଧାରରେ ବିପଦସଙ୍କୁଳ ଭାବେ ଚିହ୍ନଟ ସମସ୍ତ ସରକାରୀ କୋଠା ଯାଞ୍ଚ କରାଯାଇଛି ଏବଂ ନୋଟିସ୍ ମଧ୍ୟ ପଠାଯାଇଛି । ଗତକାଲି ସେ ବିଭାଗ ସହିତ ଆଉ ଏକ ସମୀକ୍ଷା କରିଛି । ଖୁବ୍ ଶୀଘ୍ର ବିପଦପୂର୍ଣ୍ଣ ପ୍ରମାଣିତ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ," ବୋଲି ଡଃ ମହାପାତ୍ର କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ବିଭାଗ ଅଧୀନରେ ଥିବା ବିପଦପୂର୍ଣ୍ଣ କୋଠାଗୁଡ଼ିକ ବିରୋଧରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଅନ୍ୟ ସରକାରୀ ବିଭାଗ ଅଧୀନରେ ଥିବା କୋଠାଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମନ୍ୱୟ ରକ୍ଷା କରାଯିବ ।

ଏହି ଅଭିଯାନର ପରିସରକୁ ଘରୋଇ କୋଠା ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଚଳିତ ଆଇନ ଓ ନିୟମ ଅନୁଯାୟୀ ବିପଦଜନକ ବା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ଘରୋଇ କୋଠାଗୁଡ଼ିକର ଯାଞ୍ଚ କରାଯିବ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଜାରି କରାଯାଇ ଆଇନାନୁଯାୟୀ ପଦକ୍ଷେପ ନିଆଯିବ ।

ଏଥିପାଇଁ ୧୫ ଦିନିଆ ଯାଞ୍ଚ ଓ ପରିଦର୍ଶନ ଅଭିଯାନ



ହାତକୁ ନିଆଯାଇଛି। ଗଠିତ ଯାଞ୍ଚକାରୀ ଦଳ ସନ୍ଦେହଜନକ ବିପଦପୂର୍ଣ୍ଣ କୋଠାଗୁଡ଼ିକର ବିସ୍ତୃତ ଯାଞ୍ଚ କରିବା ସହ ସେମାନଙ୍କର ଗଠନାତ୍ମକ ସ୍ଥିତି ଓ ସୁରକ୍ଷାର ଆକଳନ କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ରିପୋର୍ଟ ଦାଖଲ କରାଯିବ ।

"ଯାଞ୍ଚକାରୀ ଦଳ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବ। ଯାଞ୍ଚ ପରେ ଯେଉଁ କୋଠାଗୁଡ଼ିକ ବିପଦପୂର୍ଣ୍ଣ ଭାବେ ଶ୍ରେଣୀଭୁକ୍ତ ହେବ, ସେଗୁଡ଼ିକ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ଭାଙ୍ଗି ଦିଆଯିବ," ବୋଲି ମନ୍ତ୍ରୀ କହିଛନ୍ତି ।

କଟକ ଓ ପୁରୀ ଭଳି ପୁରୁଣା ସହରଗୁଡ଼ିକରେ ଏହି ଯାଞ୍ଚ ଅଭିଯାନ ବିଶେଷ ଗୁରୁତ୍ୱ ବହନ କରୁଛି । ଏଠାରେ ଦୀର୍ଘଦିନ ଧରି ରହିଥିବା ପୁରୁଣା ଓ ଦୁର୍ବଳ କୋଠାଗୁଡ଼ିକର ଅବସ୍ଥା ଯାଞ୍ଚ କରାଯିବ। ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ଅନ୍ୟ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାରେ ସହଯୋଗ କରିବେ ।

ସରକାରଙ୍କ ଏହି ପଦକ୍ଷେପ ଏକ ପ୍ରତିଷେଧକ ଓ ସୁରକ୍ଷାଭିତ୍ତିକ ପଦକ୍ଷେପ। ଦୁର୍ଘଟଣା ଘଟିବା ପୂର୍ବରୁ ବିପଦକୁ ଚିହ୍ନଟ କରି ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ସହରାଞ୍ଚଳରେ ନିରାପଦ ନିର୍ମାଣ ପରିବେଶ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ।

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ ସମ୍ପୃକ୍ତ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରି ଯାଞ୍ଚ, ନୋଟିସ୍ ଓ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବ ।

ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା କୌଣସି ଅସୁରକ୍ଷିତ କୋଠାକୁ ଅଣଦେଖା କରାଯିବ ନାହିଁ। ସମୟସୀମା ମଧ୍ୟରେ ଯାଞ୍ଚ, ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଓ ଆବଶ୍ୟକ ସ୍ଥଳେ ବିପଦପୂର୍ଣ୍ଣ ନିର୍ମାଣ ହଟାଇ ଓଡ଼ିଶାର ସହରାଞ୍ଚଳକୁ ଅଧିକ ନିରାପଦ କରିବା ଦିଗରେ ଆମ ସରକାର ପ୍ରତିବଦ୍ଧ ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କୁ ଭେଟିଲେ ଓଡିଶା ପତ୍ରକାର ସଂଘ ସଦସ୍ୟ

ଭୁବନେଶ୍ୱର, ୧୧।୯(ମହାଭାରତ): ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ଦ୍ୱାରା ପଞ୍ଜିକୃତ ହୋଇଥିବା ଓଡିଶା ପତ୍ରକାର ସଂଘର ସଦସ୍ୟ ମାନେ ମଙ୍ଗଳବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକସଞ୍ଜୟ କୁମାର ବିଶ୍ୱାଳଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ପତ୍ରକାର ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ପ୍ରାୟ ୧୦ ଜଣ କର୍ମକର୍ତ୍ତା ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ କାର୍ଯ୍ୟାଳୟରେ ଶ୍ରୀ ବିଶ୍ୱାଳଙ୍କୁ ସାକ୍ଷାତ କରିଥିଲେ । ପ୍ରଥମେ ସଂଘର ସଦସ୍ୟ ମାନେ ଶ୍ରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ସଂଘ ପକ୍ଷରୁ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା । ଏହି ଅବସରରେ ପତ୍ରକାର ସଂଘର ସଭାପତି ଅବିନାଶ ମିଶ୍ର, ଉପସଭାପତି ସୁରେଶ ଦାସ ଓ ହର ପ୍ରସାଦ ଦାସ, ସାଧାରଣ ସମ୍ପାଦକ ରାମଦାସ ଲିମା, ଅଶ୍ୱିନୀ ପତି, କୋଷାଧକ୍ଷ କିଶୋର ରଥ, ବରିଷ୍ଠ ସଦସ୍ୟ ସତ୍ୟବାଦୀ ନାୟକ, ଉମେଶ ରାୟ, ପାର୍ଥସାରଥୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ହିମ୍ମତ୍‌ର ପଂଚଦଶ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର , ୧୧।୯(ମହାଭାରତ): ସମାଜକୁ ସୁଧାରିବାରେ ସମ୍ବାଦପତ୍ରର ଭୂମିକା ଅନ୍ୟତମ । ସର୍ବଦା ସତ୍ୟ ତଥ୍ୟ ଭିତିକ ଖବର ନିର୍ଭୀକ ନିରପେକ୍ଷ ଭାବେ ପରିବେଷଣ ଦ୍ୱାରା ଜନମାନସରେ ବ୍ୟାପକ ସୁଧାର ଆସିଥାଏ । ସମ୍ବାଦପତ୍ର ଗୁଡ଼ିକରେ ଭାଷା ଓ ଶବ୍ଦ ଗୁଡ଼ିକ ନିର୍ଭୁଲ ରହିବା ଉଚିତ୍ ବୋଲି ସ୍ଥାନୀୟ ଜୟଦେବ ଭବନରେ ଦୈନିକ ଓଡ଼ିଆ ଖବର କାଗଜ ହିମ୍ମତ୍ ର ପଂଚଦଶ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମତାମତ ଦେଇଛନ୍ତି । ଭାରତୀୟ ଗଣମାଧ୍ୟମ ପରିଷଦର ଉପାଧ୍ୟକ୍ଷ ତଥା ହିମ୍ମତ୍ ର ପରିଚାଳନା ମୁଖ୍ୟ ରଜନୀକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପଣ୍ଡିତ ଡ. ପ୍ରବୋଧ କୁମାର ମିଶ୍ର, ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଦ୍ୟୋଗିକୀ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜେପି ପ୍ରବକ୍ତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରେଣ୍ୟ ଅତିଥିଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସର୍ବସାଧାରଣସତ୍ୱ ଉଦ୍ୟୋଗ (ଜନଉଦ୍ୟୋଗ) ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥିଭାବେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ସମ୍ବାଦପତ୍ରର ବିଶ୍ୱସନୀୟତା ଉପରେ ଆଲୋକପାତ କରିଥିଲେ। ସଂପାଦକ କମଳାକାନ୍ତ ଦାଶ ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ, ଖବର କାଗଜର ମୁଖ୍ୟ ସଂପାଦକ ଉମାକାନ୍ତ ପଟ୍ଟନାୟକ ହିମ୍ମତ୍ ଖବର କାଗଜର ଅତୀତ ଭବିଷ୍ୟତ ଓ ଅନ୍ୟାନ୍ୟ କାଗଜଗୁଡ଼ିକ କିପରି ସମ୍ବାଦ ପରିବେଷଣ କରୁଛନ୍ତି ଏହା ଉପରେ ବିସ୍ତୃତ ଭାବେ ମତ ପ୍ରଦାନ କରିଥିଲେ । ପରିଚାଳନା ସଂପାଦକ ହରଷ କୁମାର ସାହୁ ଆରମ୍ଭରୁ ସ୍ୱାଗତ ଭାଷଣ ଦେଇଥିବାବେଳେ, ଘୋଷକ ରବୀନ୍ଦ୍ର ମହାପାତ୍ର ମଂଚକୁ ଅତିଥି ଆମନ୍ତ୍ରଣ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ 'ହିମ୍ମତ୍'ର ବାର୍ତ୍ତା ସଂପାଦକ ଚିତରଞ୍ଜନ ମହାନ୍ତି, ସହ ସଂପାଦକ ଇନ୍ଦ୍ରମଣୀ ମଲ୍ଲିକ, ସାମ୍ବାଦିକ ପ୍ରଦ୍ୟୁମ୍ନ ଦାଶ, ଅମରେନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ଦାଶ, ବିଶ୍ୱଜିତ୍ ଧଳ, ବୁଦ୍ଧଦେବ ଜେନା, ପାୟଲ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ମନୋରଞ୍ଜନ ଶାସମଲ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଚାରିଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ, ପାଠକ, ବିଜ୍ଞ ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।

ଏହି ଅବସରରେ ଏ ବର୍ଷର ପଂଚଦଶ ହିମ୍ମତ୍‌ୱାଲା-୨୦୨୬ ସମ୍ମାନ ଅର୍ଜୁନପୁରସ୍କାର ପ୍ରାପ୍ତ ଧାବୀକା ଦୂତୀ ଚାନ୍ଦଙ୍କୁ ଦିଆଯାଇଥିବାବେଳେ 'ହିମ୍ମତ୍‌ୱାଲା ବିଶିଷ୍ଟ ହାସ୍ୟ ଅଭିନେତା ସମ୍ମାନ ପ୍ରଜ୍ଞାରଞ୍ଜନ ଖଟୁଆଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି 'ହିମ୍ମତ୍ ଉତ୍କର୍ଷତା ସମ୍ମାନରେ ଶିକ୍ଷାବିତ୍ ଧନେଶ୍ୱର ବେହେରା ଆଦର୍ଶ ଶିକ୍ଷକ ସମ୍ମାନରେ ଚିକିଟିର ନିଗମାନନ୍ଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ, ବିଶିଷ୍ଟ ଚିକିତ୍ସକ ସମ୍ମାନରେ ବରିଷ୍ଠ ଡାକ୍ତର ନେତ୍ରାନନ୍ଦ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ମଞ୍ଜୁଲତା ଇନ୍ଦ୍ରଜିତ୍ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ, ସାମ୍ବାଦିକ ରମେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍ତମ କର୍କଟ ଚିକିତ୍ସା ସେବା ପହଂଚାଇବା ଆମର ପ୍ରମୁଖ ଲକ୍ଷ୍ୟ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର୧୧।୯(ମହାଭାରତ): ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ଭୁବନେଶ୍ୱରରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ କ୍ରିୟା ଫାଉଣ୍ଡେସନ୍ ତରଫରୁ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଏହି ଅବସରରେ କ୍ରିୟାର ବରିଷ୍ଠ ଅଧିକାରୀ, ଅଂଶୀଦାର ଏବଂ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି, ରୋଗର ପ୍ରାଥମିକ ଚିହ୍ନଟ, ଉନ୍ନତ ଚିକିତ୍ସା ସେବାର ସୁଯୋଗ ବୃଦ୍ଧି ସହ ରୋଗୀମାନଙ୍କୁ ସୁଲଭ ଓ ସହଜରେ ଗୁଣାତ୍ମକ ଚିକିତ୍ସା ଯୋଗାଇଦେବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। 'କ୍ଲୋଜିଂ ଦି କ୍ୟାନ୍ସର କେୟାର ଗ୍ୟାପ୍ ' ଲକ୍ଷ୍ୟକୁ ସାକାର କରି, ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ନିକଟରେ ଉତ୍ତମ କର୍କଟ ଚିକିତ୍ସା ସେବା ପହଂଚାଇବା ଆମର ପ୍ରମୁଖ ଲକ୍ଷ୍ୟ। ଏହାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ କର୍କଟ ରୋଗର ନିରାକରଣ ଓ ଉନ୍ନତ ଚିକିତ୍ସା ସେବାକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଆୟୁଷ୍ମାନ ଯୋଜନା ଅଧୀନରେ ୭୩ଟି ନୂତନ ରାଜ୍ୟ ପ୍ୟାକେଜ୍ ଏବଂ ପରବର୍ତ୍ତୀ ସମୟରେ ୯୧ଟି ନୂତନ କର୍କଟ ଚିକିତ୍ସା ପ୍ୟାକେଜ୍ ସାମିଲ କରାଯାଇଛି।

# ଏମଏମଡିଆର ଆଇନ ବିରୋଧରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର , ୧୧।୯(ମହାଭାରତ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଏମଏମଡିଆର ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ସ୍ମାରକପତ୍ର ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରି ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ହସ୍ତକ୍ଷେପ ଲୋଡ଼ିଥିଲେ ।



ଶ୍ରୀ ଦେବୀ ପ୍ରସାଦ ମିଶ୍ର ମାନ୍ୟବର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି, ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ । ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମାନ୍ୟବର ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କି ପ୍ରଭାବ, ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ । ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟମାନେ ଯଥା- ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀ ଭୃଗୁ ବକ୍ସିପାତ୍ର, ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ ।

ଆଲୋଚନା ସମୟରେ ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ ଯେ, ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଏହି ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ୨୫ ଜୁଲାଇ ୨୦୨୪ରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ । ଉକ୍ତ ରାୟରେ ରାଜ୍ୟ ସରକାରମାନଙ୍କର ଖଣି ଓ ଖଣିଜ ସମୃଦ୍ଧ ଜମି ଉପରେ କର ଓ ଶୁଳ୍କ ଲାଗୁ କରିବାର କ୍ଷମତାକୁ ସ୍ୱୀକୃତି ଦିଆଯାଇଥିବା ସହ ୧ ଏପ୍ରିଲ ୨୦୦୫ରୁ ବକେୟା ଅର୍ଥ ଆଦାୟ ସମ୍ପର୍କରେ ମଧ୍ୟ ରାୟରେ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ରାୟ ପରେ ଓଡ଼ିଶା ଖଣି ସମ୍ପର୍କିତ କର ଓ ଶୁଳ୍କ ବାବଦରେ ବିପୁଳ ପରିମାଣର ବକେୟା ଅର୍ଥ ପାଇବାକୁ ହକଦାର ହୋଇଥିଲା । ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବକେୟା ଅର୍ଥ ଓଡ଼ିଶାକୁ ମିଳିଥାନ୍ତା ଓ ବାର୍ଷିକ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ପାଇଥାନ୍ତା । ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ । ଏହାଦ୍ୱାରା ଭିତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି । ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତି ବସବାସ କରୁଥିବା ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକର ସାମ୍ବିଧାନିକ ଗୁରୁତ୍ୱ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧିମଣ୍ଡଳୀ ।

ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି କରାଯାଉଥିବା ଦାବି ଉପରେ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଥିଲା । ଓଡ଼ିଶା ସମୀକ୍ଷାରେ ପ୍ରକାଶିତ ପୂର୍ବତନ ଆକଳନ ଏବଂ ଓଡ଼ିଶାର ମାନ୍ୟବର ଆଡଭୋକେଟ୍ ଜେନେରାଲ୍ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ମଧ୍ୟ ଖଣି ସମ୍ପର୍କିତ ବକେୟା ଓ ରାଜସ୍ୱର ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରାଯାଇଥିବା ବିଜେଡି ପକ୍ଷରୁ ଉଲ୍ଲେଖ କରାଯାଇଥିଲା । ତେଣୁ ଏମ୍‌ଏମ୍ଡିଆର୍ ସଂଶୋଧନ ଆଇନ ଓଡ଼ିଶା ଉପରେ ପକାଇବାକୁ ଥିବା ଆର୍ଥିକ ପ୍ରଭାବର ଏକ ସ୍ପଷ୍ଟ, ସ୍ୱଚ୍ଛ ଓ ପ୍ରାମାଣିକ ଆକଳନର ଆବଶ୍ୟକତା ରହିଛି । ପ୍ରତିନିଧିମଣ୍ଡଳୀର କଥା ଦୀର୍ଘ ସମୟ ଧରି ଶୁଣିବା ପରେ ଓଡ଼ିଶାର ରାଜ୍ୟପାଳ ପ୍ରତିନିଧିମଣ୍ଡଳୀକୁ ଆଶ୍ୱାସନା ଦେଇଥିଲେ ଯେ, ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ସେ ନିଶ୍ଚିତ ଭାବେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ ।

# ଓଡ଼ିଶା ପାଇଁ ଲଢ଼ାଯାଉ

ବିଧାନସଭାରେ ମାଇକ୍? ବନ୍ଦ ହେଲେ ଓଡ଼ିଶାର ସ୍ୱର ବନ୍ଦ ହୁଏ ନାହିଁ, ସଭା ମୁଲତବି ହେଲେ ଲୋକଙ୍କ ପ୍ରଶ୍ନ ମୁଲତବି ହୁଏ ନାହିଁ, ନାରା ଥମିଗଲେ ମଧ୍ୟ ଚାଷୀଙ୍କ ଚିନ୍ତା, ଯୁବକଙ୍କ ବେକାରି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମହିଳାଙ୍କ ସୁରକ୍ଷା ଓ ସାଧାରଣ ଲୋକଙ୍କ ଆଶା ଥମିଯାଏ ନାହିଁ। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗୋଟିଏ ପ୍ରଶ୍ନ ସମଗ୍ର ଓଡ଼ିଶା ଶାସକ ଓ ବିରୋଧୀ—ଉଭୟଙ୍କୁ ପଚାରିବା ଦରକାର—ଆପଣମାନେ ଲଢ଼ିବେ କାହା ପାଇଁ? ସରକାରକୁ ହରାଇବା ପାଇଁ, ନା ଓଡ଼ିଶାକୁ ଜିତାଇବା ପାଇଁ? ଏହି ପ୍ରଶ୍ନ ସହଜ ନୁହେଁ, କିନ୍ତୁ ଆଜି ଏହାର ଉତ୍ତର ଆବଶ୍ୟକ। କାରଣ ବିଧାନସଭାରେ ଯେଉଁ ପ୍ରତ୍ୟେକ ଆସନରେ ଜନପ୍ରତିନିଧି ବସନ୍ତି, ସେହି ଆସନ କୌଣସି ଦଳର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ; ତାହା ଲୋକଙ୍କ ବିଶ୍ୱାସର ଆସନ। ଯେଉଁ ଲୋକ ନିଜ ଦୈନନ୍ଦିନ ଜୀବନରୁ ସମୟ କାଢ଼ି ଭୋଟ ଦେଇଛି, ଯେଉଁ ଚାଷୀ ନିଜ ଘାମରେ ମାଟିକୁ ଫସଲରେ ପରିଣତ କରୁଛି, ଯେଉଁ ଯୁବକ ହାତରେ ପ୍ରମାଣପତ୍ର ଧରି ଚାକିରି ଖୋଜୁଛି, ଯେଉଁ ମାଆ ନିଜ ପିଲାର ଭବିଷ୍ୟତ ପାଇଁ ଚିନ୍ତିତ, ଯେଉଁ ରୋଗୀ ଭଲ ଚିକିତ୍ସା ପାଇଁ ହସ୍ପିଟାଲ ଦ୍ୱାରରେ ଠିଆ ହେଉଛି—ସେମାନେ ବିଧାନସଭାକୁ ନିଜ ସ୍ୱର ପଠାଇଛନ୍ତି। ସେହି ସ୍ୱରକୁ ଦଳୀୟ ନାରାରେ ଢାଙ୍କିଦେବା ମାନେ ଜନତାଙ୍କ ବିଶ୍ୱାସକୁ ଅବମାନ କରିବା। ବିରୋଧୀ ଦଳର କାମ ସରକାରକୁ ପ୍ରଶ୍ନ କରିବା। ଏହା ଗଣତନ୍ତ୍ରର ମୂଳ ଶକ୍ତି। କିନ୍ତୁ ପ୍ରଶ୍ନ କରିବା ଓ କେବଳ ବିରୋଧ କରିବା ଏକ କଥା ନୁହେଁ। ସରକାରର ପ୍ରତ୍ୟେକ କାମକୁ ଭୁଲ କହିଦେବା ବିରୋଧୀ ରାଜନୀତି ନୁହେଁ; ତଥ୍ୟ ଖୋଜି ଭୁଲକୁ ଧରିବା, ଦୁର୍ବଳତାକୁ ଦେଖାଇବା ଏବଂ ତାହାର ବିକଳ୍ପ ଦେବା ହେଉଛି ପ୍ରକୃତ ବିରୋଧୀ ରାଜନୀତି। ସେହିପରି ସରକାରର କାମ ମଧ୍ୟ କେବଳ ବିରୋଧୀଙ୍କୁ ଉତ୍ତର ଦେଇ ନିଜକୁ ସଠିକ୍ ପ୍ରମାଣ କରିବା ନୁହେଁ। ଯେଉଁଠି ତ୍ରୁଟି ଅଛି, ତାହା ସ୍ୱୀକାର କରିବାର ସାହସ ଏବଂ ତାହାକୁ ସୁଧାରିବାର ଇଚ୍ଛା ହିଁ ଭଲ ଶାସନର ପରିଚୟ। ଆସନ୍ତା ଅଧିବେଶନରେ ଖଣି ଆଇନ ସଂଶୋଧନ ନେଇ ଯଦି ତୀବ୍ର ତର୍କ ହୁଏ, ତେବେ ଓଡ଼ିଶା ଚାହିଁବ ନାହିଁ କିଏ କାହାକୁ ହରାଇଲା; ଓଡ଼ିଶା ଜାଣିବାକୁ ଚାହିବ ରାଜ୍ୟର ଅଧିକାର କେତେ ସୁରକ୍ଷିତ ରହିଲା। ଖଣିଜ ସମ୍ପଦ ଓଡ଼ିଶାର ଅର୍ଥନୀତିର ଏକ ବଡ଼ ଆଧାର। ତେଣୁ ଖଣି ସମ୍ପର୍କିତ କୌଣସି ନୀତି ପରିବର୍ତ୍ତନର ପ୍ରଭାବ କେବଳ ରାଜନୈତିକ ମଞ୍ଚରେ ନୁହେଁ, ରାଜ୍ୟର ରାଜସ୍ୱ, ଖଣି ଅଞ୍ଚଳର ଲୋକଙ୍କ ଜୀବନ, ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତରେ ପଡ଼ିପାରେ। ତେଣୁ ଏହି ପ୍ରସଙ୍ଗରେ ଚିତ୍କାର ନୁହେଁ, ତଥ୍ୟ ଦରକାର। ଅଭିଯୋଗ ନୁହେଁ, ହିସାବ ଦରକାର। ଦଳୀୟ ରାଜନୀତି ନୁହେଁ, ଓଡ଼ିଶାର ଅଧିକାର ଦରକାର। ଯଦି କୌଣସି ନୀତି ରାଜ୍ୟ ପାଇଁ ଲାଭଦାୟକ, ତେବେ ତାହାକୁ ସ୍ୱୀକାର କରାଯାଉ; ଯଦି କୌଣସି ନୀତି ରାଜ୍ୟର ସ୍ୱାର୍ଥକୁ କ୍ଷତି କରିବାର ଆଶଙ୍କା ରଖେ, ତେବେ ଦଳୀୟ ପତାକାକୁ ପାଖରେ ରଖି ସମସ୍ତେ ମିଶି ପ୍ରଶ୍ନ କରାଯାଉ। ଏହା ଦଳ ବିରୋଧୀ ରାଜନୀତି ନୁହେଁ; ଏହା ଓଡ଼ିଶା ପ୍ରତି ଦାୟିତ୍ୱ। ପାଠ୍ୟପୁସ୍ତକରେ ତ୍ରୁଟି ନେଇ ମଧ୍ୟ ଏହି ମାପକାଠି ଲାଗୁ ହେବା ଦରକାର। ଏକ ପାଠ୍ୟପୁସ୍ତକର ଗୋଟିଏ ଭୁଲ ତଥ୍ୟ ହଜାର ହଜାର ପିଲାଙ୍କ ମନରେ ଭୁଲ ଧାରଣା ସୃଷ୍ଟି କରିପାରେ। ଏହାକୁ ନେଇ ପ୍ରଶ୍ନ ଉଠିଲେ ସରକାର ରାଗିବା ନୁହେଁ, ଯାଞ୍ଚ କରିବା ଦରକାର। ବିରୋଧୀ ପ୍ରଶ୍ନ କଲେ ରାଜନୈତିକ ଲାଭ ନୁହେଁ, ପିଲାଙ୍କ ଭବିଷ୍ୟତକୁ ଆଗରେ ରଖିବା ଦରକାର। କାରଣ ପୁସ୍ତକର ଭୁଲ କୌଣସି ଦଳର ଭୁଲ ନୁହେଁ; ଏହା ଆମ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଭୁଲ। ଏହି ଅଧିବେଶନରେ ଆହୁରି ଅନେକ ପ୍ରସଙ୍ଗ ଉଠିବ। ଚାଷୀଙ୍କ ସମସ୍ୟା ରହିବ, ଯୁବକଙ୍କ ନିଯୁକ୍ତି ରହିବ, ଶିକ୍ଷା ରହିବ, ସ୍ୱାସ୍ଥ୍ୟ ରହିବ, ମହିଳା ସୁରକ୍ଷା ରହିବ, ଆଦିବାସୀ ଅଞ୍ଚଳର ବିକାଶ ରହିବ, ପାନୀୟଜଳ ରହିବ, ରାସ୍ତାଘାଟ ରହିବ। କିନ୍ତୁ ପ୍ରଶ୍ନ ହେଉଛି—ଏହି ସମସ୍ତ ପ୍ରସଙ୍ଗ କେତେ ସମୟ ରାଜନୀତିର ମୁଖ୍ୟ ଆଲୋଚନାରେ ରହିବ? କେତେ ସମୟ ପରେ ଏଗୁଡ଼ିକ ଦଳୀୟ ଅଭିଯୋଗର ଭିଡ଼ରେ ହଜିଯିବ? ଲୋକଙ୍କ ଦୁଃଖ ଯଦି ଦୁଇ ଦଳର ମୁହାଁମୁହିଁ ଲଢେଇ ମଧ୍ୟରେ ହଜିଯାଏ, ତେବେ ବିଧାନସଭାର ଗରିମା କେଉଁଠି ରହିବ? ଜନତା ଆଉ କେବଳ ହଙ୍ଗାମା ଦେଖିବାକୁ ଚାହୁଁନାହାନ୍ତି। ଲୋକେ ଚାହୁଁଛନ୍ତି ପ୍ରଶ୍ନ ହେଉ, ଉତ୍ତର ଆସୁ, ଦାୟିତ୍ୱ ନିର୍ଦ୍ଧାରିତ ହେଉ ଏବଂ ସମାଧାନର ରାସ୍ତା ବାହାରୁ। ଯେଉଁ ବିଧାୟକ ନିଜ ଅଞ୍ଚଳର ସମସ୍ୟା ନେଇ ବିଧାନସଭାରେ ଠିଆ ହେଉଛନ୍ତି, ସେ ମନେ ରଖିବା ଦରକାର—ସେ କେବଳ ନିଜ ଦଳର ପ୍ରତିନିଧି ନୁହେଁ, ସେ ଓଡ଼ିଶାର ଲୋକଙ୍କ ପ୍ରତିନିଧି। ତାଙ୍କ ସ୍ୱରରେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ସ୍ୱର ରହିବା ଦରକାର। ତାଙ୍କ ପ୍ରଶ୍ନରେ ରାଜ୍ୟର ଭବିଷ୍ୟତ ଦେଖାଯିବା ଦରକାର। ଏହିଠି ହିଁ ଜନପ୍ରତିନିଧିତ୍ୱର ଅର୍ଥ। ଶାସକ ଦଳ ଯଦି ଭାବେ ଯେ ବିରୋଧୀଙ୍କ ପ୍ରଶ୍ନ ମାନେ ସରକାର ବିରୋଧୀ ଷଡ଼ଯନ୍ତ୍ର, ତେବେ ସେହି ଚିନ୍ତା ଗଣତନ୍ତ୍ର ପାଇଁ ବିପଜ୍ଜନକ। ବିରୋଧୀ ଯଦି ଭାବନ୍ତି ଯେ ସରକାରକୁ ଅସୁବିଧାରେ ପକାଇଦେବା ହିଁ ତାଙ୍କର ସଫଳତା, ତେବେ ସେହି ଚିନ୍ତା ମଧ୍ୟ ଲୋକଙ୍କ ପାଇଁ ନିରାଶାଜନକ। ଦୁଇ ପକ୍ଷ ମନେ ରଖିବା ଦରକାର—ସରକାର ବଦଳିବ, ବିରୋଧୀ ବଦଳିବ, ନେତା ବଦଳିବେ, କିନ୍ତୁ ଲୋକଙ୍କ ସମସ୍ୟା ଯଦି ସେହିଠାରେ ରହିଯାଏ, ତେବେ ବଦଳିବ କଣ? ରାଜନୀତିର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି—ନିର୍ବାଚନ ପୂର୍ବରୁ ଲୋକେ ରାଜା, ନିର୍ବାଚନ ପରେ ଲୋକେ ଦର୍ଶକ। ଏହି ଧାରଣା ବଦଳିବା ଦରକାର। ଲୋକେ ଦର୍ଶକ ନୁହେଁ, ସେମାନେ ଗଣତନ୍ତ୍ରର ମାଲିକ। ବିଧାନସଭାର ପ୍ରତ୍ୟେକ ତର୍କ, ପ୍ରତ୍ୟେକ ପ୍ରଶ୍ନ ଓ ପ୍ରତ୍ୟେକ ନିଷ୍ପତ୍ତି ଲୋକଙ୍କ ଜୀବନକୁ ପ୍ରଭାବିତ କରେ। ତେଣୁ ଏଥର ଅଧିବେଶନରେ ଓଡ଼ିଶା ଏକ ନୂଆ ଦୃଶ୍ୟ ଦେଖିବାକୁ ଚାହେ—ଶାସକ ଦଳ ନିଜ କାମର ହିସାବ ଦେଉ, ବିରୋଧୀ ତଥ୍ୟ ସହ ପ୍ରଶ୍ନ କରୁ, ମନ୍ତ୍ରୀମାନେ ସ୍ପଷ୍ଟ ଉତ୍ତର ଦିଅନ୍ତୁ, ବିଧାୟକମାନେ ଲୋକଙ୍କ ପ୍ରଶ୍ନ ନେଇ ଲଢ଼ନ୍ତୁ ଏବଂ ଦଳୀୟ ସୀମା ପାର କରି ଓଡ଼ିଶାର ମୂଳ ସ୍ୱାର୍ଥରେ ଏକାଠି ଠିଆ ହୁଅନ୍ତୁ। ଏହା ହେଲେ ବିଧାନସଭାର ମର୍ଯ୍ୟାଦା ବଢ଼ିବ। ଲୋକଙ୍କ ବିଶ୍ୱାସ ବଢ଼ିବ। ରାଜନୀତିର ମାନ ବଢ଼ିବ। ଏବଂ ସବୁଠାରୁ ବଡ଼ କଥା—ଓଡ଼ିଶା ଜିତିବ। ନହେଲେ ଆମେ ପୁଣି ସେହି ପୁରୁଣା ଦୃଶ୍ୟ ଦେଖିବା—ନାରା, ହଙ୍ଗାମା, ଅଭିଯୋଗ, ପ୍ରତିଅଭିଯୋଗ, ସଭା ମୁଲତବି ଏବଂ ଶେଷରେ ଲୋକଙ୍କ ପ୍ରଶ୍ନ ପୁଣି ଅନୁତ୍ତରିତ। ଓଡ଼ିଶା ଏବେ ଏହାଠାରୁ ଅଧିକ ଆଶା କରୁଛି। ଓଡ଼ିଶାର ରାଜନୀତିକୁ ଏବେ ନିଷ୍ପତ୍ତି ନେବାକୁ ହେବ—ଦଳୀୟ ଜିତ ବଡ଼ ନା ଜନତାର ଜିତ? ସରକାରକୁ ହରାଇବା ବଡ଼ ନା ଓଡ଼ିଶାକୁ ଜିତାଇବା ବଡ଼? ଇତିହାସ ମନେ ରଖିବ ନାହିଁ କିଏ କେତେ ଉଚ୍ଚ ସ୍ୱରରେ ନାରା ଦେଇଥିଲା; ଇତିହାସ ମନେ ରଖିବ କିଏ ଓଡ଼ିଶାର ଅଧିକାର ପାଇଁ ଠିଆ ହୋଇଥିଲା। ଆସନ୍ତା ଅଧିବେଶନ ତେଣୁ କେବଳ ଆଉ ଏକ ଅଧିବେଶନ ନୁହେଁ; ଏହା ଓଡ଼ିଶାର ରାଜନୀତିର ଚରିତ୍ର ପରୀକ୍ଷା। ଯେଉଁମାନେ ଲୋକଙ୍କ ଭୋଟରେ ବିଧାନସଭାକୁ ଆସିଛନ୍ତି, ସେମାନଙ୍କ ସାମ୍ନାରେ ଆଜି ଓଡ଼ିଶା ଗୋଟିଏ ଆଇନା ଧରିଛି। ସେହି ଆଇନାରେ ଦେଖାଯିବ—କିଏ ଦଳ ପାଇଁ ଠିଆ ହୋଇଛି, କିଏ କ୍ଷମତା ପାଇଁ ଲଢୁଛି ଏବଂ କିଏ ସତରେ ଓଡ଼ିଶା ପାଇଁ ଲଢୁଛି। ଶେଷରେ ନିଷ୍ପତ୍ତି ଲୋକଙ୍କର। କାରଣ ଦଳର ପତାକା ବଦଳିପାରେ, ନେତାଙ୍କ ଚେହେରା ବଦଳିପାରେ, ସରକାର ବଦଳିପାରେ; କିନ୍ତୁ ଓଡ଼ିଶା ବଦଳିବ ନାହିଁ। ଓଡ଼ିଶା ହିଁ ରହିବ। ତେଣୁ ଏଥର ବିଧାନସଭାରେ ପ୍ରଶ୍ନ ଗୋଟିଏ ହେଉ—"ଆପଣ କାହା ପାଇଁ ଲଢୁଛନ୍ତି?" ଏବଂ ଉତ୍ତର ମଧ୍ୟ ଗୋଟିଏ ହେଉ—"ମୁଁ ଓଡ଼ିଶା ପାଇଁ ଲଢୁଛି।

# ଜୀବନ ଯେବେ ଲାଗେ ପିତା

## 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା'

**ପ୍ରଫେସର ଡାକ୍ତର ସମ୍ରାଟ କର**

ଆମ ଦେଶରେ ପ୍ରତିଦିନ ଅସଂଖ୍ୟ ବ୍ୟକ୍ତି କୌଣସି କାରଣରୁ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ଏକ ଅପରାଧ। ଏଭଳି ଏକ ଘୃଣ୍ୟ ମାନସିକତାକୁ ମନରୁ ଦୂରେଇବା ଓ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଏ। ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଦ୍ୱାରା ଆତ୍ମହତ୍ୟା ଭଳି ଏକ ଅପରାଧଠୁ ଦୂରରେ ରହିବାକୁ ଶପଥ ନେବା ପାଇଁ ଏହି ଦିନ ବିଶ୍ୱବାସୀଙ୍କୁ ପ୍ରୋତ୍ସାହିତ କରାଯାଏ। ନିକଟରେ ରିଲିଜ୍ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ପ୍ରତିବର୍ଷ ୮ଲକ୍ଷରୁ ଅଧିକ ଲୋକ ଆତ୍ମହତ୍ୟାରେ ପ୍ରାଣ ହରାଉଛନ୍ତି। ରିପୋର୍ଟ ଆହୁରି କହିଛି, କାଗଜପତ୍ରରେ ଏହି ଆକଳନ ଥିବାବେଳେ ପ୍ରକୃତରେ ଏହି ସଂଖ୍ୟା ଆହୁରି ଅଧିକ।

ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା' ('ଉଷବଭଶସଭଶ ଖ୍ୱଷର ଘବକ୍ସକ୍ସବ-ଖ୍ୱସଙ୍ଖର କ୍ଟଭ ଝଙ୍କସମସୟର')। ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଓଡ଼ିଶାରେ ପ୍ରତି ଦିନ ୧୫ରୁ ଅଧିକ ଲୋକ ଆତ୍ମହତ୍ୟା କରୁଛନ୍ତି। ୨୦୨୧ ପାଇଁ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏଭଳି ଉଦ୍‌ବେଗଜନକ ତଥ୍ୟ ମିଳିଛି। ରାଜ୍ୟରେ ୫୬୫୧ ଜଣ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୪୪୧୨ ଥିବାବେଳେ ୧୨୩୯ ମହିଳା ଆତ୍ମହତ୍ୟା ପ୍ରମୁଖ କାରଣ ରହିଛି। ଏହି ସମସ୍ୟା ଯୋଗୁଁ ସର୍ବାଧିକ ୪୦୩୩ ଜଣ ଆତ୍ମହତ୍ୟା କରିଛନ୍ତି। ରିପୋର୍ଟ ଅନୁସାରେ ୧୩୪ ବିବାହ ଜନିତ ଓ ୧୩୨ ଜଣ ପ୍ରେମ ବ୍ୟାପରକୁ ନେଇ ଆତ୍ମହତ୍ୟା କରିଥିଲେ। ତେବେ ଚିନ୍ତାଜନକ ବିଷୟ ହେଲା ଯେ ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ଅଛନ୍ତି ୮୩୪ ଛାତ୍ରଛାତ୍ରୀ। ଏଥିରେ ଛାତ୍ରଙ୍କ ସଂଖ୍ୟା ୬୯୭ ଓ ଛାତ୍ରୀଙ୍କ ସଂଖ୍ୟା ଥିଲା ୧୩୭। କରୋନା ଲକ ଡାଉନ ପରେ ମାନସିକ ଅବସାଦ ଗ୍ରସ୍ତ ହୋଇ ଲୋକମାନେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରୁଥିବା କୁହାଯାଉଛି। ୨୦୨୦ ତୁଳନାରେ ଓଡ଼ିଶାରେ ଆତ୍ମହତ୍ୟା ହାର ୧.୯ ପ୍ରତିଶତ ବୃଦ୍ଧି ପାଇଛି।

ସମାଜ ଠାରୁ ସେମାନେ ଦୂରରେ ଥିଲେ ନାଁ ସମାଜ ସେମାନଙ୍କୁ ଦୂରେଇ ଦେଇଥିଲା। ସେ ପ୍ରଶ୍ନ ଏବେ ବି ଅସମାହିତ। ନିଜ ଭିତରେ ହିଁ ସେମାନେ ନିଜକୁ ସୀମିତ ରଖୁଥିଲେ। ନିବୁଜ ଘରର ଚାରି କାନ୍ଥ ବାହାରେ ଯେ ଏକ ଦୁନିଆ ଅଛି ବୋଧହୁଏ ସେମାନେ ପାଶୋରି ଦେଇଥିଲେ। ବନ୍ଦ କୋଠରୀ ଭିତରେ ସେମାନଙ୍କ ଦୁନିଆ କିପରି ସେ କଥା ଜାଣିବାକୁ କେହି ଥରେ ବି ପ୍ରୟାସ କରିନଥିଲେ। ଦୁଃଶ୍ଚିନ୍ତା, ଉଦ୍‌ବେଗ, ଅବସାଦ ନାଁ ସମାଜ ପ୍ରତି ବିମୁଖ ମନୋଭାବ? ପ୍ରକୃତରେ ସେମାନଙ୍କ ସହିତ କ'ଣ ଘଟେ? ଏକାଠି ଜୀଇଁବା, ଏକାଠି ମରିବାର ଦ୍ୱାହି ଦେଇ ଜଣେ ନିଜ ଜୀବନକୁ ଶେଷ କରିଦିଏ। ସମାଜବିତ୍ ମାନଙ୍କ ଅନୁସାରେ ସମାଜର ଉପେକ୍ଷା, ଲଜ୍ଜା, ଆତ୍ମଗ୍ଲାନି କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ଧାର୍ମିକ ବିଶ୍ୱାସୀ ହିଁ ଆତ୍ମହତ୍ୟା ପାଇଁ ବାଟ କଢ଼େଇ ନେଇଥାଏ।

ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେବା ପୂର୍ବରୁ ସେମାନେ ବାହାର ଦୁନିଆ ସହିତ ସଂପର୍କ ପ୍ରାୟ ଛିନ୍ନ କରି ଦେଇଥାନ୍ତି। ସେମାନଙ୍କ ଗତିବିଧି ବୁଝିବା ମଧ୍ୟ ସହଜ ହୋଇନଥାଏ। ଉଦାହରଣସ୍ୱରୂପ ଯେଉଁ ପରିବାରର ଲୋକମାନେ ସମୂହ ଆତ୍ମହତ୍ୟା କରନ୍ତି ସେମାନେ ପାଖ ପଡ଼ୋଶୀଙ୍କ ସହିତ ମିଶନ୍ତି ନାହିଁ ସତ। କିନ୍ତୁ ଦୋକାନକୁ ଯାଆନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣନ୍ତି। କିମ୍ବା ଅନ୍ୟାନ୍ୟ ଦରକାରୀ କାମ ପାଇଁ ଅଚିହ୍ନା ଲୋକଙ୍କ ସହିତ ମଧ୍ୟ କଥାବାର୍ତ୍ତା କରନ୍ତି। ସେତେବେଳେ ସେମାନଙ୍କୁ ଅସ୍ୱାଭାବିକ୍ ମନେ ହୋଇନଥାଏ। ଏ କ୍ଷେତ୍ରରେ ସମାଜର ମଧ୍ୟ ଦାୟିତ୍ୱ ରହିଛି। ଆଜିକାଲି ଲୋକମାନେ ନିଜ ନିଜ ଘର ସଂସାରକୁ ନେଇ ଏତେ ବ୍ୟସ୍ତ ଯେ କେଉଁଠି କ'ଣ ଘଟୁଛି ସେ ବିଷୟରେ ଖିଆଲ ରଖିବାକୁ ସେମାନେ ଉଚିତ ଭାବୁନାହାନ୍ତି। ସମାଜ ଚେଷ୍ଟା କଲେ ମଧ୍ୟ ସମୂହ ଆତ୍ମହତ୍ୟା ଭଳି ଘଟଣାକୁ କେତେକାଂଶରେ ଏଡ଼ାଯାଇ ପାରିବ। ସେ କ୍ଷେତ୍ରରେ ଆମକୁ ଲୋକଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ବଦଳାଇବାକୁ ପଡ଼ିବ।

ଆତ୍ମହତ୍ୟାର ଇଚ୍ଛା କରୁଥିବା ବ୍ୟକ୍ତି ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଆସିଲେ, ପ୍ରଥମେ ତାର ଭାବନା ତଥା ବ୍ୟବହାରର ଆକଳନ କରାଯାଏ । ପୂର୍ବରୁ ସେ କେବେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି କିମ୍ବା ପରିବାରର କିଏ କରିଛନ୍ତି ଆଦି ଜାଣିବା ଦରକାର । ଲୋକଟିର ମାନସିକ ଚାପ ବିଷୟରେ ଜାଣିଲେ ଚିକିତ୍ସା ସହଜ ହୋଇଥାଏ । ଯେଉଁମାନଙ୍କର ପରିବାର ଓ ବନ୍ଧୁମାନଙ୍କ ସହିତ ନିବିଡ଼ ସଂପର୍କ ଥାଏ ତଥା ମାନସିକ ଚାପ ଦୂରକରିବାର ଇଚ୍ଛାଶକ୍ତି ଥାଏ, ସେମାନେ ଚିକିତ୍ସାରେ ଖୁବ୍‌ଶୀଘ୍ର ଲାଭବାନ ହୁଅନ୍ତି । ବିଷାଦଗ୍ରସ୍ତ ଥିବା, ପୂର୍ବରୁ ଆତ୍ମହତ୍ୟାର ଉଦ୍ୟମ କରିଥିବା ଓ ନିଶାସେବନ କରୁଥିବା ବ୍ୟକ୍ତିମାନଙ୍କର ଅଧିକ ଦିନ ଚିକିତ୍ସା ଆବଶ୍ୟକ ।

ଲୋକଟି ସହ କଥାବାର୍ତ୍ତା କରି ତା'ର ସମସ୍ୟା ବିଷୟରେ ପଚରାଉଚୁରା କରିବା ଉଚିତ । ତା'ର ଅକୃତକାର୍ଯ୍ୟ, ନୈରାଶ୍ୟ ଏବଂ ସେ କ'ଣ ପାଇଁ ଚିନ୍ତିତ ରହିଛି ଇତ୍ୟାଦି ବିଷୟ ବୁଝିବା ଆବଶ୍ୟକ । ତାକୁ ତା'ର କାର୍ଯ୍ୟଦକ୍ଷତା ଓ ସୀମା ବିଷୟରେ ବୁଝାଇବା ଦରକାର । ସେ ମଧ୍ୟ କିପରି ନିଜକୁ ପରିସ୍ଥିତି ସହ ଖାପ ଖୁଆଇ ଜୀବନରେ ବାସ୍ତବତା ପ୍ରତି ସଜାଗ ରହିବ ତାହା ମଧ୍ୟ ତାକୁ ବୁଝାଇବା ଉଚିତ । ସେ ଆବଶ୍ୟକ କରୁଥିବା ସାହାଯ୍ୟ, ସହାନୁଭୂତି, ଉପଦେଶ ଓ ଉତ୍ସାହ ତାକୁ ଦେବା ଦରକାର । ଫଳରେ ସେ ତା' ଉପରେ ଥିବା ସମସ୍ତ ପ୍ରକାର ସମସ୍ୟାଗୁଡ଼ିକୁ ଦୂର କରିପାରିବ । ଲୋକଟିର ଚିକିତ୍ସା ପାଇଁ ପରିବାରର ସଦସ୍ୟମାନଙ୍କର ବହୁ ଗୁରୁଦାୟିତ୍ୱ ରହିଛି । ସେମାନେ ତା'ର ସମସ୍ୟା ବୁଝିବା ସଙ୍ଗେ ସଙ୍ଗେ ଏହାର ସମାଧାନ କରିବା ପାଇଁ ଡାକ୍ତରଙ୍କ ସହଯୋଗ ଓ ସାହାଯ୍ୟ କରିବା ସହ ଲୋକକୁ ମଧ୍ୟ ସାହାଯ୍ୟ କରିବେ ଓ ସେ କିପରି ପୁନର୍ବାର ଆତ୍ମହତ୍ୟାର ଇଚ୍ଛାରୁ ଦୂରେଇ ରହିବ ସେଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ।

ଯେଉଁମାନଙ୍କର ପାରିପାର୍ଶ୍ୱିକ ଅବସ୍ଥା ବା କାରଣ ଯୋଗୁଁ ଏପରି ଭାବନା ଆସିଥାଏ, ସେମାନଙ୍କ କ୍ଷେତ୍ରରେ ସାଧାରଣତଃ କେତେଗୁଡ଼ିଏ ସମସ୍ୟା ଏଥିପାଇଁ ଦାୟୀ । ତେଣୁ ସେମାନେ ଏକାଠି କେତେଗୁଡ଼ିଏ ଲୋକ ସହିତ ବସି ଆଲୋଚନା କରି ସମସ୍ୟାର ସମାଧାନ ବିଷୟ ସ୍ଥିର କରିବା ଆବଶ୍ୟକ । ସାଧାରଣତଃ ଛ'ରୁ ଦଶ ଜଣ ଏପ୍ରକାର ଲୋକ ସପ୍ତାହରେ ଥରେ ଏକାଠି ହୋଇ ଆଲୋଚନା କରିବା ଦରକାର । ଆମ ଦେଶରେ ଏପ୍ରକାର ପ୍ରଣାଳୀ ଖୁବ୍ ଉପଯୋଗୀ । ଆପଣ ଯଦି ଜାଣିପାରନ୍ତି ଯେକୌଣସି ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଇଚ୍ଛାପ୍ରକାଶ କରୁଛି- ତାକୁ ସଙ୍ଗେ ସଙ୍ଗେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ । ଚିକିତ୍ସା ପାଇଁ ତାଙ୍କୁ ବାଧ୍ୟ କରି ଡାକ୍ତରଙ୍କ ପାଖକୁ ନିୟମିତ ନିଅନ୍ତୁ । ଦୟାଶୀଳ ହୋଇ ରୋଗୀସହ କଥାବାର୍ତ୍ତା କରନ୍ତୁ । ତାହାର ଅନୁଭବ ଓ ସମସ୍ୟା ବିଷୟରେ ଧୈର୍ଯ୍ୟ ଧରି ଶୁଣନ୍ତୁ । ତାଙ୍କୁ ଉତ୍ସାହ ଦିଅନ୍ତୁ । ତାଙ୍କୁ ପ୍ରବୋଧ ଦିଅନ୍ତୁ ଯେ ଆଗକୁ ଭଲ ଦିନ ଆସୁଛି ଓ ହସି ହସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତାହାଙ୍କର ଖାଦ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ଦିଅନ୍ତୁ । ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ତାଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ । ଯଦି ଏହା ସମ୍ଭବ ନ ହୁଏ ତା'ହେଲେ ତାଙ୍କୁ ଡାକ୍ତରଖାନାରେ ରଖି ଦିଅନ୍ତୁ । ମନେ ରଖନ୍ତୁ ଆତ୍ମହତ୍ୟା କରିବାର ଭାବନା ନିଶ୍ଚିତଭାବେ ଦୂର ହୋଇପାରିବ । ଏଥିପାଇଁ ପରିବାର, ସମାଜ ତଥା ଚିକିତ୍ସକମାନଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ, ଦୂରଭାଷ : ୯୧୩୨୪୩୩୩୩୩

# ମୋଟାପଣ ମାପିବାକୁ ନୂଆ ଉପାୟ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

କେଉଁଠି ନା କେଉଁଠି ଓଜନ କମାଇବାର କାହାଣୀ ଅନେକଙ୍କୁ ପ୍ରେରଣା ଯୋଗାଏ। କୌଣସି କାରଣ ପାଇଁ ଓଜନ ବଢ଼ିଗଲେ ଏହାଦ୍ୱାରା କେବଳ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇନଥାଏ ବଞ୍ଚିବା ମୁସ୍କିଲ ହୋଇଯାଏ ହେଲେ ଦୃଢ଼ ନିଷ୍ଠା ଓ ମନୋବଳ ରଖି ଓଜନ କମାଇବାର ଏକ ରୁଟିନ ତିଆରି କରି ଜୀବନ ଆରମ୍ଭ କଲେ ଦେଖିବେ ଓଜନ କମିବା ଥୟ।



କୌଣସି ବ୍ୟକ୍ତିଙ୍କ ମୋଟାପଣ ବା ମେଦବହୁଳତା ନିର୍ଣ୍ଣୟ କରିବା ପାଇଁ ତାଙ୍କ ଶରୀରର ଓଜନ ଓ ଉଚ୍ଚତା ମଧ୍ୟରେ ଥିବା ଅନୁପାତକୁ ବିଚାରକୁ ନିଆଯାଇଥାଏ। ଏହାକୁ 'ବଡ଼ି ମାସ ଇଣ୍ଡେକ୍ସ' କୁହାଯାଏ। ତେବେ ନିକଟରେ ଦଳେ ବିଶ୍ୱସ୍ତରୀୟ ବିଶେଷଜ୍ଞ ବିଏମଆଇକୁ ବିବାଦୀୟ ବୋଲି ଅଭିହିତ କରିଛନ୍ତି। ଗଣମାଧ୍ୟମରେ ସେମାନଙ୍କର ତଥ୍ୟ ସବୁ ଯାହା ପ୍ରକାଶ ପାଇଛି ସେମାନଙ୍କ କହିବା କଥା, ଅତ୍ୟଧିକ ଚର୍ବି ଜନିତ ମୋଟାପଣ ବା ପୃଥୁଳକାୟତାର ଚିକିତ୍ସାରେ କେବଳ ବିଏମଆଇ ଜାଣିବା ଯଥେଷ୍ଟ ନୁହେଁ। କାରଣ ବେଳେ ବେଳେ ଏହା ମାତ୍ରାଧିକ ମେଦବହୁଳତାକୁ ସୂଚାଉଥାଏ ତ ପୁଣି କେତେବେଳେ ମଧ୍ୟ ମେଦବହୁଳତାକୁ ଅଣଦେଖା କରିଥାଏ। ଉଦାହରଣ ସ୍ୱରୂପ ବିଏମଆଇ ସୂଚକାଙ୍କର ସ୍ୱାଭାବିକ ପରିମାଣ ୩୦ କିମ୍ବା ତା ଠାରୁ କମ ରହିବା ବାଞ୍ଛନୀୟ। ତେବେ ବେଳେ ବେଳେ ମାତ୍ରାଧିକ ଚର୍ବି ଥିବା ବ୍ୟକ୍ତିଙ୍କର ବିଏମଆଇ ୩୦ ଟପୁନଥିବା ବେଳେ ଶକ୍ତ ମାଂସପେଶୀ ଥିବା କ୍ରୀଡ଼ାବିତଙ୍କ କ୍ଷେତ୍ରରେ ସ୍ୱାଭାବିକ ଚର୍ବି ସତ୍ତ୍ୱେ ବିଏମଆଇ ପରିମାଣ ୩୦ ଉପରେ ଦର୍ଶାଇଥାଏ।

ଅପରପକ୍ଷେ, ବିଶେଷଜ୍ଞମାନେ ଶରୀରର ମୋଟାପଣ ମାପିବା ପାଇଁ ଅନ୍ୟ ଏକ ନୂତନ ପଦ୍ଧତି ଅନ୍ୱେଷଣ କରିଛନ୍ତି ଏଥିରେ ଶରୀରର ଉଚ୍ଚତା ଓ ଓଜନ ସମେତ ଅଣ୍ଟାର ଗୋଲେଇ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ତର୍ଜମା କରିବାକୁ ହୋଇଥାଏ। ସୂଚନାଯୋଗ୍ୟ ସମ୍ପ୍ରତି ସମଗ୍ର ବିଶ୍ୱରେ ପ୍ରାୟ ୧୦୦ କୋଟି ଲୋକ ମେଦବହୁଳତାର ଶିକାର ହୋଇଥିବା ଆକଳନ କରାଯାଇଛି। ବିଶେଷକରି ଆମେରିକାର ପ୍ରାୟ ୪୦ ପ୍ରତିଶତ ନାଗରିକ ମେଦବହୁଳତା ଶରୀର ଧାରଣ କରିଥିବା ଜଣାଯାଇଛି। ଶରୀରର ମେଦବହୁଳତା ହିଁ ହୃଦସମସ୍ୟା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକଟକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହାର ଚିକିତ୍ସା ପାଇଁ ଅନେକ ଆଗଭର ଅଛନ୍ତି। ତେବେ ସେମାନଙ୍କ ଶରୀରର ଅନାବଶ୍ୟକ ମେଦବହୁଳ ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଏକ ତ୍ରୁଟିହୀନ ପଦ୍ଧତିର ଆବଶ୍ୟକତା ରହିଛି, ଯାହା କେବଳ ବିଏମଆଇ ମାପିଦେଲେ ଯଥେଷ୍ଟ ହେବନାହିଁ ବୋଲି ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ରଖିଛନ୍ତି। ସେମାନଙ୍କ ପଦ୍ଧତିରେ ଦୁଇ ପ୍ରକାରର ଶାରୀରିକ ସ୍ଥିତି ନିର୍ଣ୍ଣୟ କରିବାକୁ ହେବ। ଗୋଟିଏ ହେଲା କ୍ଲିନିକାଲ ଓବେସିଟି ଏବଂ ଅନ୍ୟଟି ହେଉଛି ପ୍ରିକ୍ଲିନିକାଲ ଓବେସିଟି। କ୍ଲିନିକାଲ ଓବେସିଟି ଦ୍ୱାରା ଶରୀରର ବିଏମଆଇ ସମେତ ମେଦବହୁଳତାର ଅନ୍ୟାନ୍ୟ ସଂକେତ ଜାଣି ହୋଇଥାଏ। ଏଥି ସହିତ ପୃଥୁଳକାୟତା ସହ ଜଡ଼ିତ ହୃଦରୋଗ, ଉଚ୍ଚ ରକ୍ତଚାପ, ଯକୃତ କି ବୃକକ୍ ଜନିତ ରୋଗ ଏବଂ ଦୀର୍ଘଦିନର ଆଣ୍ଠୁଗଣ୍ଠି କି ଅଣ୍ଟା ଯନ୍ତ୍ରଣା ଆଦିର ତର୍ଜମା କରାଯାଇଥାଏ। ଏଭଳି ରୋଗୀଙ୍କର ଚିକିତ୍ସା ଜରୁରୀ। ଅପରପକ୍ଷେ, ପ୍ରିକ୍ଲିନିକାଲ ଓବେସିଟିରେ ଉପରୋକ୍ତ ସମସ୍ୟା ଗୁଡ଼ିକର ଆଶଙ୍କା ଥିବା ଜଣାପଡ଼ିଥାଏ। ମାତ୍ର ରୋଗୀ କୌଣସିଥିରେ ପୀଡ଼ିତ ନଥାଏ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଏହାର ଚିକିତ୍ସା କରାଯିବା ସମ୍ଭବ।

ସଂପ୍ରତି ଏହି ମେଦବୃଦ୍ଧି ଆଉ ଚିନ୍ତାଜନକ ହୋଇନାହିଁ। ନିଜେ ଶରୀରକୁ ସୁସ୍ଥ ଓ ଫିଟ ରଖିବା ସହ ବିଭିନ୍ନ ଶାରୀରିକ ବ୍ୟାୟାମ, ଡାଏଟିଂ ମଧ୍ୟ କରୁଛନ୍ତି। ସନ୍ତୁଳିତ ଜୀବନ ଦ୍ୱାରା ଶରୀର ପୃଥୁଳକାୟ ହୋଇ ଆପଣଙ୍କ ପାଇଁ ଆଦୌ 'ଅରୂପ' ହେବନାହିଁ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦

# ଚାପ-ଗ୍ରସ୍ତ ଛାତ୍ରତ୍ୱର କାରୁଣ୍ୟ !

**ଅରୁଣ କୁମାର ମହାରଣା**

ମାନବ ସଭ୍ୟତାର ସୁଦୀର୍ଘ ଇତିହାସରେ ଛାତ୍ର ଜୀବନକୁ ସବୁଠାରୁ ସ୍ୱର୍ଣ୍ଣିମ, ସୁକୁମାର, ଅନାବିଳ ଏବଂ ସୃଜନଶୀଳ ଅଧ୍ୟାୟ ଭାବେ ଅଭିହିତ କରାଯାଏ, ଯେଉଁଠାରେ ମାନସିକ ଚେତନାର ବିକାଶ ଘଟେ ଓ ଜ୍ଞାନର ଅମୃତ ଆଲୋକରେ ନୂତନ ସ୍ୱପ୍ନର ନବକଳେବର ସୃଷ୍ଟି ହୁଏ । ଏହା ହେଉଛି ସେହି ପବିତ୍ର ପ୍ରାତଃକାଳ ଯେଉଁଠାରେ ମାନବିକ ମୂଲ୍ୟବୋଧର ବିଜାରୋପଣ ହୁଏ, ସାମାଜିକ ଦାୟିତ୍ୱବୋଧର ଅଭ୍ୟୁଦୟ ଘଟେ, ନୈତିକ ଚରିତ୍ର ଗଠନର ଅମୂଲ୍ୟ ଭିତ୍ତିପ୍ରସ୍ତର ସ୍ଥାପିତ ହୁଏ ଏବଂ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ଉତ୍କର୍ଷତା ପ୍ରତିପାଦିତ ହୋଇଥାଏ । ଏହି ଅଧ୍ୟାୟରେ ହିଁ ମାନସିକ ଜଗତର କଳ୍ପନାଶକ୍ତି ପ୍ରସାରିତ ହୋଇ ଜଣେ ଶିକ୍ଷାର୍ଥୀକୁ ଭବିଷ୍ୟତର ଜଣେ ଯୋଗ୍ୟ ନାଗରିକ ତଥା ଦିଗଦର୍ଶକ ଭାବେ ଗଢ଼ିତୋଳିବାର ମହାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ, ଯାହା ସମଗ୍ର ସୃଷ୍ଟିକୁ ନୂତନ ଚେତନା ପ୍ରଦାନ କରେ । ମାତ୍ର ସାମ୍ପ୍ରତିକ ସମୟର ଅତି-ପତିଯୋଗିତାମୂଳକ, ଯାନ୍ତ୍ରିକ, ଜଟିଳ ତଥା କୃତ୍ରିମ ସହରୀ ଜୀବନଶୈଳୀ ମଧ୍ୟରେ ଏହି ବିକାଶର ସୁବର୍ଣ୍ଣ ଯୁଗ ଧୀରେ ଧୀରେ ଏକ ଭୟଙ୍କର ମାନସିକ ଅବସାଦ, ଦୁର୍ବାର ଅସ୍ଥିରତା, ତୀବ୍ର ହୀନମନ୍ୟତା ଓ ନିରାଶାର କରାଳ ଗର୍ଭକୁ ଠେଲି ହୋଇଯାଉଛି । ମାର୍କ ଏବଂ ଗ୍ରେଡ୍ ପଛରେ ଧାବିତ ହେବାର ଏହି ପ୍ରାଣଘାତୀ ଅନ୍ଧ ଦୌଡ଼ ଏବଂ କୃତ୍ରିମ ସଫଳତାର ସର୍ବୋଚ୍ଚ ଶୀର୍ଷ ସ୍ପର୍ଶ କରିବା ପାଇଁ ପାରିପାର୍ଶ୍ୱିକ ଚାପ ଆଜିର କୋମଳମତି ଶିକ୍ଷାର୍ଥୀମାନଙ୍କ ମାନସିକ ସ୍ୱାଧୀନତା, ସ୍ୱାଭାବିକ କଳ୍ପନାଶକ୍ତି ଏବଂ ମାର୍ମିକ ପ୍ରଫୁଲ୍ଲତାକୁ ସମ୍ପୂର୍ଣ୍ଣ ଭାବେ ନିଷ୍ପେଷିତ କରିଦେଉଛି । ପିଲାମାନଙ୍କର ନିଷ୍ପାପ ମନ ଆଜି ଶିକ୍ଷାର ପ୍ରକୃତ ଆନନ୍ଦ ଉପଭୋଗ କରିବା ପରିବର୍ତ୍ତେ ନିରନ୍ତର ଏକ ଅଜ୍ଞାତ ଭୟ ଏବଂ ଆଶଙ୍କାର ବାତାବରଣ ମଧ୍ୟରେ ଶ୍ୱାସରୁଦ୍ଧ ହୋଇପଡୁଛି । ଯେଉଁ ବୟସରେ ମନ ମୁକ୍ତ ବିହଙ୍ଗ ଭଳି ଆକାଶରେ ଉଡ଼ିବା କଥା, ସେହି ବୟସରେ ଆଜିର ଅସହାୟ ଯୁବପିଢ଼ି ଅଦୃଶ୍ୟ ମାନସିକ ଶୃଙ୍ଖଳରେ ଆବଦ୍ଧ ହୋଇ ନିଜ ଅସ୍ତିତ୍ୱ ?ରାଇ ହନ୍ତସନ୍ତ ହେଉଛନ୍ତି, ଯାହା କେବଳ କୌଣସି ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ହୋଇ ରହିନାହିଁ, ବରଂ ଏକ ସାମାଜିକ ବ୍ୟାଧି ଭାବେ ସମଗ୍ର ରାଷ୍ଟ୍ରର ମାନସିକ ସ୍ୱାସ୍ଥ୍ୟକୁ ସଙ୍କଟାପନ୍ନ କରିଛି ।

ଏହି ବିଷାଦଗ୍ରସ୍ତ ପରିସ୍ଥିତିର ମୂଳଦୁଆ ଆଧୁନିକ ଶିକ୍ଷା ବ୍ୟବସ୍ଥାର ସେହି ପୁସ୍ତକଗତ ବୋଝ, ଦୀର୍ଘାୟିତ ପାଠ୍ୟକ୍ରମ ଏବଂ ଶୁଷ୍କ ତଥା ରୁଢ଼ ମୂଲ୍ୟାୟନ ପଦ୍ଧତି ଉପରେ ପର୍ଯ୍ୟବସିତ, ଯାହା ଶିକ୍ଷାର୍ଥୀର ଭିନ୍ନ ସୃଜନଶୀଳ ଦକ୍ଷତା ଓ ବହୁମୁଖୀ ପ୍ରତିଭାକୁ ଆଦୌ ସ୍ୱୀକୃତି ପ୍ରଦାନ ନକରି କେବଳ କାଗଜର କିଛି ସଂଖ୍ୟା ବା ନମ୍ବର ଆଧାରରେ ତାର ଯୋଗ୍ୟତା ନିରୂପଣ କରେ । ଆଜିର ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିର ମାନବିକ ଗୁଣାବଳୀ ବିକାଶ କରିବା ଏବଂ ଜୀବନର ପ୍ରକୃତ ଦର୍ଶନ ଶିଖାଇବା ପରିବର୍ତ୍ତେ ଏକ ଶିଳ୍ପସଂସ୍ଥା ଭଳି କାର୍ଯ୍ୟ କରୁଛି, ଯେଉଁଠାରେ କେବଳ ତଥ୍ୟ ଗୋଗ୍ରାସେ ଗିଳି ପରୀକ୍ଷା ଖାତାରେ ଉଦ୍‌ଗାରଣ କରିବାର କଳାକୁ ଉଚ୍ଚ ପ୍ରଶଂସା କରାଯାଏ, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଜ୍ଞାନ ଆହରଣର ପ୍ରକୃତ ମହତ୍ତ୍ୱ ଓ ସହଜ ଆନନ୍ଦ ହରାଇ ବସିଛନ୍ତି । ପରୀକ୍ଷା ବୋଲି କହିଲେ ଆଜି ଆତ୍ମ-ସମୀକ୍ଷା କିମ୍ବା ଜ୍ଞାନର ସମୃଦ୍ଧ ଆକଳନ ବୁଝାଉନାହିଁ, ବରଂ ଏକ ଭୟଙ୍କର ରକ୍ତପାତହୀନ ମାନସିକ ଯନ୍ତ୍ରଣାଶାଳା ବୁଝାଉଛି ଏବଂ ଏହି କଠୋର ବ୍ୟବସ୍ଥା ମଧ୍ୟରେ ପିଲାମାନେ ନିଜର ଜନ୍ମଗତ ସୃଜନଶୀଳତାକୁ ବଳିଦାନ ଦେଇ କେବଳ ଏକ ମେକାନିକାଲ ସୂଚନା ସଂଗ୍ରହକାରୀ ଯନ୍ତ୍ରରେ ପରିଣତ ହେଉଛନ୍ତି, ଯାହା ସେମାନଙ୍କର ପ୍ରଜ୍ଞା ବିକାଶକୁ ଅବରୁଦ୍ଧ କରୁଛି ।ଶିକ୍ଷାର୍ଥୀଙ୍କ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାର ପ୍ରୟାସ ଏବଂ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ, ଯେଉଁଠାରେ ବର୍ତ୍ତମାନର ଶିକ୍ଷା ନୀତିରେ ବ୍ୟାପକ ପରିବର୍ତ୍ତନ ଅଣାଯାଉଛି । ସରକାରୀ ସ୍ତରରେ ଜାତୀୟ ଶିକ୍ଷା ନୀତି (NEP) ମାଧ୍ୟମରେ କେବଳ ପୁସ୍ତକଗତ ବୋଝକୁ ହ୍ରାସ କରିବା ଏବଂ ଗ୍ରେଡ୍ ବଦଳରେ ପିଲାଙ୍କ ବ୍ୟବହାରିକ ଦକ୍ଷତା (Skill Development) କୁ ମୂଲ୍ୟାୟନ କରିବାର ବ୍ୟବସ୍ଥା ଆରମ୍ଭ ହୋଇଛି । ସ୍କୁଲ ଏବଂ କଲେଜଗୁଡ଼ିକରେ ସରକାରଙ୍କ ପକ୍ଷରୁ 'ମାନସିକ ସ୍ୱାସ୍ଥ୍ୟ ସପ୍ତାହ' ଏବଂ (କ୍ରମଶଃ)

# ପ୍ରଧାନ ଶିକ୍ଷକଙ୍କୁ ମାଡ଼, ଥାନାର ଦ୍ୱାରସ୍ଥ



ରାଇଘର, (ମହାଭାରତ) : ଯେଉଁ ବିଦ୍ୟାଳୟରେ ପିଲାଙ୍କ ହାତରେ ଖାତା-କଲମ ଧରାଇ ଶୃଙ୍ଖଳା ଓ ଶିକ୍ଷାର ପାଠ ପଢ଼ାଯାଏ,ସେହି ବିଦ୍ୟାଳୟ ପରିସରରେ ଘଟିଥିବା ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରଧାନ ଶିକ୍ଷକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ଥାନାରେ ପହଞ୍ଚିଥିବା ବେଳେ,ଅନ୍ୟପଟେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅସଦାଚରଣର ପାଲଟା ଅଭିଯୋଗ ଆଣିଛନ୍ତି ଶିଶୁ ବାଟିକା ଶିକ୍ଷୟିତ୍ରୀ । ଦୁଇଟି ପୃଥକ ଅଭିଯୋଗକୁ ନେଇ ଘଟଣାଟି ଏବେ ରହସ୍ୟ ଘେରରେ ରହିଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି ।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଡ଼ା ପଞ୍ଚାୟତ ଅନ୍ତର୍ଗତ ସାଲେଭଟା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ,ଶିଶୁ ବାଟିକା ଶିକ୍ଷୟିତ୍ରୀ ସବିତା ହରିଜନ ଓ ରୋଷେଇଆ ମିଚି ଜାନି ବିଳମ୍ବରେ ବିଦ୍ୟାଳୟରେ ପହଞ୍ଚିଥିବାରୁ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାସ ସେମାନଙ୍କୁ ତାଗିଦ କରିଥିଲେ ବୋଲି ଅଭିଯୋଗ ରହିଛି । ଏହାକୁ ନେଇ ଦୁହେଁ ଘରକୁ ଫେରି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ।ପରେ ମଧ୍ୟାହ୍ନ ଭୋଜନ ପରେ ସାଲେଭଟା ଗ୍ରାମର ଦେବୁ ହରିଜନ ଓ ଧନସିଂ ହରିଜନ ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗ ହୋଇଛି । ସେଠାରେ ପାଟିତୁଣ୍ଡ ଓ ଧସ୍ତାଧସ୍ତି ହେବା ସହ ନିକଟରେ ପଡ଼ିଥିବା କାଠ ଫାଳିଆରେ ତାଙ୍କ ମୁଣ୍ଡରେ ଆଘାତ କରାଯାଇଥିବା ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାସ ଅଭିଯୋଗ କରିଛନ୍ତି ।ଆହତ ଅବସ୍ଥାରେ ସେ ନିଜ ପତ୍ନୀଙ୍କ ସହ ରାଇଘର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମେଡିକାଲ ପଠାଇଥିବା ଜଣାପଡ଼ିଛି ।ତେବେ ଘଟଣା ଏଠାରେ ଥମିନାହିଁ । ଏହାର କିଛି ସମୟ ପରେ ଶିଶୁ ବାଟିକା ଶିକ୍ଷୟିତ୍ରୀ ସବିତା ହରିଜନ ମଧ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାସଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି । ଦିନ ପ୍ରାୟ ୨ଟା ସମୟରେ ପ୍ରଧାନ ଶିକ୍ଷକ ତାଙ୍କୁ ରୋଷେଇ ଘରକୁ ଡାକି ନେଇ ଅସଦାଚରଣ କରିଥିବା ସେ ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଥିବା ଜଣାପଡ଼ିଛି ।ଗୋଟିଏ ପଟେ ପ୍ରଧାନ ଶିକ୍ଷକଙ୍କୁ ମାଡ଼ ଅଭିଯୋଗ,ଅନ୍ୟପଟେ ତାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଏଭଳି ଦୁଇଟି ଗୁରୁତର ଅଭିଯୋଗକୁ ନେଇ ସାଲେଭଟା ବିଦ୍ୟାଳୟ ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି ।ରାଇଘର ଥାନା ପୁଲିସ ଦୁଇଟି ଅଭିଯୋଗକୁ ପୃଥକ ଭାବେ ଗ୍ରହଣ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି । ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି । ବିଦ୍ୟାଳୟ ଭଳି ଏକ ପବିତ୍ର ଶିକ୍ଷାନୁଷ୍ଠାନରେ ଏଭଳି ବିବାଦ ଓ ଅଭିଯୋଗ ଉଠିବା ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମନରେ ମଧ ପ୍ରଶ୍ନ ଉଠାଇଛି ।

# ବିଜେପି ମହିଳା ମୋର୍ଚ୍ଚାର ସାଙ୍ଗଠନିକ ବୈଠକ



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ପଞ୍ଚାୟତର ହରିପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ମହିଳା ମୋର୍ଚ୍ଚା ପଦାଧିକାରୀ ମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳା ମୋର୍ଚ୍ଚା ସଭାନେତ୍ରୀ ସରସ୍ୱତୀ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା ଯୋଗଦେଇ କାର୍ଯ୍ୟକର୍ତ୍ତା ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ସେବା ମୂଳକ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା । ଜନସେବା ହିଁ ସଂଗଠନର ମୂଳ ଲକ୍ଷ୍ୟ ହୋଇଥିବାରୁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନିଜ ନିଜ ଅଞ୍ଚଳରେ ସେବା କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଏଥି ସହିତ ଗତ ଦୁଇ ବର୍ଷ ମଧ୍ୟରେ ଅଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ, ଜନ କଲ୍ୟାଣକାରୀ ପଦକ୍ଷେପ ଓ ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଁଚାଇବା ନେଇ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରିୟବ୍ରତ ସିଂହସାମନ୍ତ, ସମ୍ପାଦକ ମନୋଜ କୁମାର ଜେନା, କୋଷାଧ୍ୟକ୍ଷ ରାମଚନ୍ଦ୍ର ବେହେରା ସମେତ ଶତାଧିକ ମହିଳା କର୍ମୀ, କର୍ମକର୍ତ୍ତା, ସଂଗଠକ ଯୋଗଦେଇ ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ଦିଗରେ ଆଲୋଚନା କରିଥିଲେ ।

# ପ୍ରସିଦ୍ଧ ଗଣେଶ ପୂଜା ପାଇଁ ଚଳଚଂଚଳ, ସଜେଇ ହେଉଛି ପୁରା ଦେବଗଡ଼



ଦେବଗଡ, (ମହାଭାରତ): ବିଘ୍ନ ବିନାଶକ ପ୍ରଭୁ ଶ୍ରୀ ଗଜାନନଙ୍କ ଆଗମନକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି ଦେବଗଡ଼ ସହର। ଗଣେଶ ପୂଜା ପାଇଁ ସହରର ବିଭିନ୍ନ ପୂଜାମଣ୍ଡପରେ ଜୋରସୋରରେ ଚାଲିଛି ପ୍ରସ୍ତୁତି । କେଉଁଠି ମୂର୍ତ୍ତି ନିର୍ମାଣ ଚାଲିଛି, ତ କେଉଁଠି ତୋରଣ ଓ ସାଜସଜ୍ଜା କାମ ଜାରି ରହିଛି । ଚଳିତ ବର୍ଷ ପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ରହିଛି ସାଂସ୍କୃତିକ କାର୍ଯ୍ୟକ୍ରମ । ପୁରପଲ୍ଲୀଠାରୁ ଆରମ୍ଭ କରି ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରେ ଧୁମଧାମରେ ପାଳିତ ହୁଏ ଗଣେଶ ପୂଜା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପୂଜାକୁ ନେଇ ଦେବଗଡ଼େର ଦେଖିବାକୁ ମିଳିଛି ଉତ୍ସାହ ଓ ଉଦ୍ଦୀପନା। ଦିନରାତି ଏକ କରି କାରିଗରମାନେ ମାଟିରେ ଗଢ଼ି ଚାଲିଛନ୍ତି ଗଜାନନଙ୍କ ପ୍ରତିମୂର୍ତ୍ତି । ମୂର୍ତ୍ତିକୁ ଆକର୍ଷଣୀୟ ରୂପ ଦେବା ପାଇଁ ଚାଲିଛି ରଙ୍ଗ ଓ ତୁଳୀର କାମ । ମୂର୍ତ୍ତି ନିର୍ମାଣ ସହିତ ସାଜସଜ୍ଜା ଓ ତୋରଣ ନିର୍ମାଣ କାମ ମଧ ଜୋରସୋରରେ ଆଗେଇ ଚାଲିଛି । କେବଳ ପୂଜା ନୁହେଁ, ଚଳିତ ବର୍ଷ ଗଣେଶ ପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ରହିଛି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ । କୋଲକାତା, କଟକ, ଭୁବନେଶ୍ୱର ମେଲୋଡି କାର୍ଯ୍ୟକ୍ରମ ସହ ପଶ୍ଚିମ ଓଡ଼ିଶାର ବଛା ବଛା କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଭଜନ ସମାରୋହ ସହ ଅପେରା ‘ସୂର୍ଯ୍ୟ ମନ୍ଦିର’ ଭଳି କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରଞ୍ଜନ କରିବ । ସେପଟେ ପୂଜାମଣ୍ଡପଗୁଡ଼ିକରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଚାଲିଛି ଆଲୋକସଜ୍ଜା ଓ ବିଭିନ୍ନ ପ୍ରକାରର ସାଜସଜ୍ଜା କାମ ।ପ୍ରଭୁ ଗଜାନନଙ୍କ ଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବାକୁ ଏବେଠାରୁ ଲୋକଙ୍କ ମଧ୍ୟରେ ବଢ଼ିଛି ଉତ୍ସାହ । ସେହି ଭଳି ଦର୍ଶକମାନେ ଗଣେଶ ପୂଜା ମେଢ଼ ଦେଖିବା ସହ ମିନାବାଜାର, ଦୁଳି ର ମଜା ନେଇ ପାରିବେ ।

# ଜାତୀୟ ରାଜପଥରେ ଟ୍ୟାଙ୍କରରୁ ତେଲ ଚୋରି- ଡ୍ରାଇଭର, ହେଲପର ଗିରଫ



ବାଲିଚନ୍ଦ୍ରପୁର, (ମହାଭାରତ) : ପାରାଦୀପ ରୁ ଜାତୀୟ ରାଜପଥ ୫୩ ଦେଇ ରାଜ୍ୟର ବିଭିନ୍ନ ଅଂଚଳକୁ ପେଟ୍ରୋଲ ଓ ଡିଜେଲ ପରିବହନ ହୋଇଥାଏ, ଗୁରୁବାର ମଧ୍ୟାହ୍ନରେ ବାଲିଚନ୍ଦ୍ରପୁର ପୋଲିସ ପେଟ୍ରୋଲିଙ୍ଗ କରବା ସମୟରେ ଓଳାଶୁଣୀ, ପାରିପଲେଇ ଛକ ମଝିରେ ଏକ ପେଟ୍ରୋଲ, ଡିଜେଲ ବୋଝେଇ ଟ୍ୟାଙ୍କର ଡଓ୧୫ ଇଉ ୦୭୭୦ ରାଜପଥରେ ଦୀର୍ଘ ସମୟ ଠିଆ ହୋଇଥିବା ଦେଖି ଏ ଏସ ଆଇ ଅଚ୍ୟୁତାନନ୍ଦ ଦାସ ଓ କିଛି ଷ୍ଟାଫ ଘଟଣା ସ୍ଥଳରେ ପହଞ୍ଚି ଦେଖନ୍ତିତ ଟ୍ୟାଙ୍କରର ଡ୍ରାଇଭର ଓ ହେଲପର ଦୁଇଟି ପ୍ଲାଷ୍ଟିକ ଜାରରେ ଡିଜେଲ, ପେଟ୍ରୋଲ କାଟି ବିକିବା ପାଇଁ ଅପେକ୍ଷା କରିଥିଲେ, ପୋଲିସ ଘଟଣା ସ୍ଥଳରୁ ଟ୍ୟାଙ୍କର, କଟାଯାଇଥିବା ଡିଜେଲ ପେଟ୍ରୋଲ ଜବତ କରି ଡ୍ରାଇଭର, ହେଲପର କୁ କାବୁ କରିଥିବା ବେଳେ କିଣିବା ଲୋକ ଚତୁରତାର ସହିତ ଖସିଯାଇଥିଲା, ଏସ ଆଇ ପି କେ ସେଠି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି,ପୋଲିସ ୩୪୯/ ୨୬ଏକ ମାମଲା ରୁଜୁ କରି ବୌଦ୍ଧ ଜିଲ୍ଲାର ହରଭଙ୍ଗା ଥାନା କୁମାରୀ ଗ୍ରାମର ସତ୍ୟ ସୌରଭ ଅମାତ ଙ୍କ ପୁଅ ଡ୍ରାଇଭର ଚନ୍ଦନ ଅମାତ (୨୫) ଓ ବାଉଁସୁଣୀ ଥାନା ପଳାସ୍ପାତ ଗ୍ରାମର ଚନ୍ଦ୍ରମଣି ପ୍ରଧାନଙ୍କ ପୁଅ ହେଲପର ବାଦଲ କୁମାର ପ୍ରଧାନ (୨୮) କୁ ଗିରଫ କରିଛି । ଏ ନେଇ ବାଲିଚନ୍ଦ୍ରପୁର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ ଡି ପି ଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ସୂଚନା ଦେଇଥିଲେ, ଯେ ପାରାଦୀପ ରୁ ବୌଧ ଜିଲ୍ଲାର ରଞ୍ଜିତ ପ୍ରଧାନଙ୍କ ମା ଦୁର୍ଗା ଫିଲିଙ୍ଗ ଷ୍ଟେସନ ବୌଧ ଟାଉନ କୁ ପେଟ୍ରୋଲ ଡିଜେଲ ବୋଝେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଗାଡ଼ିର ଡ୍ରାଇଭର ଓ ହେଲପର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ଛକ ନିକଟରେ ଗାଡି ରଖି ଚୋରି କରି ତେଲ କାଟି ବିକିବା ପାଇଁ ପ୍ରସ୍ତୁତ ଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଦ୍ୱାରା ଧରା ପଡ଼ିଥିଲେ, ସେମାନେ ତେଲ ବିକ୍ରି ପାଇଁ କାଟିଥିବା ମଧ ସ୍ୱୀକାର କରିଛନ୍ତି, ତେବେ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ତେଲ ଟ୍ୟାଙ୍କର ଗାଡି, ଦୁଇଟି ମୋବାଇଲ ଫୋନ, ତେଲ କାଟିବା ପାଇଁ ପ୍ଲାଷ୍ଟିକ ପାଇପ, ଦୁଇଟି ହାତୁଡି, ସିଲ ଖୋଲିବା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି, ଦୁଇଟି ପେଟ୍ରୋଲ ଓ ଡିଜେଲ ବୋଝେଇ କୋଡିଏ ଲିଟର ଜାର ଜବତ କରିଥିବା ବେଳେ ଚୋରା ପେଟ୍ରୋଲ ଡିଜେଲ କିଣିବା ଲୋକକୁ ଖୁବଶୀଘ୍ର ଧରାଯିବ ବୋଲି କହିଥିଲେ। ଗିରଫ ଡ୍ରାଇଭର ଚନ୍ଦନ ଓ ହେଲପର ବାଦଲକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଆଇ ଆଇ ସି ଦିଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଡିଏଭି ପବ୍ଲିକ୍ ସ୍କୁଲ୍, ପାରାଦ୍ୱୀପ ପୋର୍ଟରେ ‘ସାହିତ୍ୟ ସମ୍ମିଳନୀ ୫.୦’ ଆୟୋଜିତ



ପାରାଦ୍ୱୀପ, (ମହାଭାରତ) : ଡିଏଭି ପବ୍ଲିକ୍ ସ୍କୁଲ୍, ପାରାଦୀପ ପୋର୍ଟରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଏକ ମନୋଜ୍ଞ ଉତ୍ସବ ‘ସାହିତ୍ୟ ସମ୍ମିଳନୀ ୫.୦’ ଆଜି ଉତ୍ସାହ ଓ ଗାରିମାର ସହ ଆୟୋଜିତ ହୋଇଯାଇଛି । “ଶବ୍ଦରୁ ଜ୍ଞାନ : ସାହିତ୍ୟର ବିଶ୍ୱକୁ ଅନ୍ୱେଷଣ” ଥିଲା ଏହି ବର୍ଷର ମୁଖ୍ୟ ବିଷୟବସ୍ତୁ। କାର୍ଯ୍ୟକ୍ରମରେ ଶୈଳବାଳା ମହିଳା କଲେଜ, କଟକର ହିନ୍ଦୀ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ରଶ୍ମିରେଖା ଜେନା, ଗୀତା ସ୍ୱୟଂଶାସିତ ମହାବିଦ୍ୟାଳୟ , ଭୁବନେଶ୍ୱରର ଭୌତିକ ବିଜ୍ଞାନ ଓ ମାନବୀୟ ବିଦ୍ୟା ବିଭାଗର ବିଭାଗୀୟ ମୁଖ୍ୟ ତଥା ଭୌତିକ ବିଜ୍ଞାନପ୍ରେମୀ, କବି, ଲେଖକ ଓ ଅନୁବାଦକ ଡ. ଶକ୍ତି ପ୍ରସନ୍ନ ମହାନ୍ତି ଏବଂ ଏନ୍ ?ଆଇଏଫ୍ ?ଟି, ଭୁବନେଶ୍ୱରର ଅତିଥି ଅଧାପିକା, କଥାକାର ଓ ପ୍ରଶିକ୍ଷକ ଶ୍ରୀମତୀ ପ୍ରାଚୀତାରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ଡିଏଭି ଗାନ ପରେ କବିତାର ସଙ୍ଗୀତମୟ ପରିବେଷଣ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ସାଂସ୍କୃତିକ ନୃତ୍ୟ ଦ୍ୱାରା ଭାରତୀୟ ସଂସ୍କୃତିର ମନୋରମ ଝଲକ ପ୍ରଦର୍ଶିତ ହୋଇଥିଲା। ପରେ ଓଡ଼ିଆ ସାହିତ୍ୟ ଉପରେ ଅତିଥିଙ୍କ ଚିନ୍ତନପ୍ରଦ ଆଲୋଚନା ସହ ‘ସାକ୍ଷାତ୍କାର’— ଏକ ଆଲୋଚନାତ୍ମକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ କବିତା ପାଠ, ଇଂରାଜୀ ଷ୍ଟୋରି ଟେଲିଂ ଇଣ୍ଟରାକ୍ସନ୍ ଓ ବିତର୍କ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ଭାଷାଦକ୍ଷତା ଓ ଯୁକ୍ତିପୂର୍ଣ୍ଣ ଚିନ୍ତନକୁ ପ୍ରକାଶ କରିଥିଲା। ଏହାପରେ ସାହିତ୍ୟ ଓ ସୃଜନଶୀଳତା ଉପରେ’ ବିଶେଷଜ୍ଞ ଆଲୋଚନାଚକ୍ର’ ମାଧ୍ୟମରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ମତବିନିମୟ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିଯୋଗିତାର କୃତୀ ପ୍ରତିଭାଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାହିତ୍ୟିକ ସୃଜନର ଏକ ବିଶେଷ ପର୍ଯ୍ୟାୟ ଭାବେ ‘ସୃଜନର ସ୍ପନ୍ଦନ’ ପୁସ୍ତକର ପରିଚୟ ପ୍ରଦାନ କରାଯାଇଥିଲା। ଏହାପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇ ଧନ୍ୟବାଦ ଅର୍ପଣ ଓ ଶାନ୍ତି ପାଠ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମଟି ଭାଷା ବିଭାଗର ସୁନ୍ଦର ପରିକଳ୍ପନା ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହଯୋଗରେ ସଫଳ ହୋଇଥିଲା। ଏହି ସମ୍ମିଳନୀ ଛାତ୍ରଛାତ୍ରୀଙ୍କ ମନରେ ସାହିତ୍ୟ ପ୍ରତି ଆଗ୍ରହ, ପଠନ ଅଭ୍ୟାସ, ସୃଜନଶୀଳ ଚିନ୍ତନ ଓ ଅଭିବ୍ୟକ୍ତିର ଦକ୍ଷତା ବିକଶିତ କରିବାରେ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଆକର୍ଷଣୀୟ ପୁସ୍ତକ ମେଳା ଆୟୋଜିତ ହୋଇଥିଲା। ମେଳାରେ ବିଭିନ୍ନ ବିଷୟ ଓ ବୟସବର୍ଗର ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉତ୍ସାହର ସହ ପୁସ୍ତକଗୁଡ଼ିକ ଦେଖିବା ସହ ନିଜ ପସନ୍ଦର ପୁସ୍ତକ କ୍ରୟ କରିଥିଲେ। ପଠନ ଅଭ୍ୟାସ ବୃଦ୍ଧି ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏହି ପୁସ୍ତକ ମେଳା ଏକ ସାର୍ଥକ ପଦକ୍ଷେପ ଥିଲା।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା : ପୂଜ୍ୟପୂଜା ଅସମ୍ମାନକୁ ନିନ୍ଦା



ପାରାଦୀପ, (ମହାଭାରତ) : ୧୯୬୦ ଦଶକ ସମୟରେ ପାରାଦୀପ ବନ୍ଦର ପ୍ରତିଷ୍ଠା କରି ପ୍ରବାଦ ପୁରୁଷ ବିଜୁ ବାବୁ କେବଳ ଉପକୂଳ ଓଡ଼ିଶାର ଉନ୍ନତି କଥା ଚିନ୍ତା କରିନଥିଲେ ତତସହିତ ଓଡ଼ିଶାର ଖଣିଜ ପଦାର୍ଥ ଆମଦାନୀ ରପ୍ତାନି ଫଳରେ ସମଗ୍ର ଓଡ଼ିଶାର ଆର୍ଥିକ ବିକାଶ ହୋଇପାରିବ ସେ କଥା ମହାନ ଜନନାୟକ ଚିନ୍ତା କରିଥିଲେ। ପାରାଦୀପ ବନ୍ଦର ପ୍ରତିଷ୍ଠା ଫଳରେ ଏହାର ସଂଲଗ୍ନ ଅଞ୍ଚଳରେ ଇଫକୋ, ପିପିଏଲ ଓ ଆଇଓସିଏଲ ଭଳି ଅନେକ ଗୁଡିଏ ଶିଳ୍ପ ପ୍ରତିଷ୍ଠା ହୋଇ ପାରାଦୀପ ର ପାର୍ଶ୍ୱବର୍ତ୍ତୀ ବ୍ଲକ ଏରସମା ଅନ୍ତର୍ଗତ ଢ଼ିଙ୍କିଆ ଚାରିଦେଶ ରେ ଜେଏସଡବ୍ଲୁ କମ୍ପାନୀ ମେଗା ଷ୍ଟିଲ ପ୍ଲାଣ୍ଟ ସହ ବନ୍ଦର ପ୍ରତିଷ୍ଠା କରିବାକୁ ଯାଉଥିବାରୁ ଏରସମା ଉପକୂଳ ଅଞ୍ଚଳ ବିଶେଷ ଭାବେ ବିକାଶ ର ରାସ୍ତା ଫିଟିବ । ଉପରୋକ୍ତ ପ୍ରଗତିକୁ ଦୃଷ୍ଟିରେ ରଖି ଏରସମା ପାରାଦୀପ ର ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଦୁରଦୃଷ୍ଟି ରଖି ଶିଆଳି ବେଳାଭୂମିର ପର୍ଯ୍ୟଟନ ବିକାଶ ପାଇଁ ବିଶେଷ ଭାବେ ଦୃଷ୍ଟି ପ୍ରଦାନ କରି ଶିଆଳି ବେଳାଭୂମିର ବିକାଶ ସହିତ ଏରସମା ପାରାଦୀପ ବିକାଶର ସୂତ୍ରଧର ବିଜୁ ପଟନାୟକ ଙ୍କ ପ୍ରତିମୂର୍ତ୍ତି ୨୦୧୯ ମସିହାରେ ସ୍ଥାପନ କରିଥିଲେ । ଏବଂ ଗତ କିଛିଦିନ ତଳେ ଏରସମା ଅଞ୍ଚଳର ସର୍ବମାନ୍ୟ ନେତା ଡା. ଦାମୋଦର ରାଉତ ଙ୍କ ପ୍ରତିମୂର୍ତ୍ତି ଶିଆଳି ବେଳାଭୂମିରେ ପ୍ରତିଷ୍ଠା କରିବାକୁ ଯାଉଥିଲେ । କିନ୍ତୁ କିଛି ହିନମାନ୍ୟ କୁଚକ୍ରୀ ଅସହିଂଶୁ ବ୍ୟକ୍ତି ଦାମ ବାବୁଙ୍କ ନିର୍ମାଣଧୀନ ପ୍ରତିମୂର୍ତ୍ତି କୁ ଭାଙ୍ଗି ଦେଇଥିଲେ । ଯାହାକୁ ନେଇ ସର୍ବସାଧାରଣରେ ଦଳମତ ନିର୍ବିଶେଷରେ ଦୃଢ଼ ନିନ୍ଦା ଓ ପ୍ରତିବାଦ କରାଯାଇଥିଲା । ଏବେ ପୁଣିଥରେ ସେହି କଥାର ପୁନରାବୃତ୍ତି ହୋଇ ପୂଜ୍ୟପୂଜା କୁ ଅସମ୍ମାନ କରି ଶିଆଳି ବେଳାଭୂମିରେ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ପାରାଦୀପ ବିଜୁ ଜନତା ଦଳ ଦୃଢ଼ ନିନ୍ଦା ଓ ପ୍ରତିବାଦ କରିଛି । ଏ ବାବଦରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର,ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ରାଉତ ଓ ଚିନ୍ମୟ ରଞ୍ଜନ ପରିଡା, ବିଜେଡି ନେତା ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ରଶ୍ମୀ ରଞ୍ଜନ ପରିଡା, ନାରୀନେତ୍ରୀ ଚପଳା ସ୍ୱାଇଁ, ପ୍ରଭାତୀ ନାୟକ, ନଳିନୀ ସାହୁ, ଭାରତୀ ସାମନ୍ତରାୟ ଓ ବିଜେଡି ପାରିଷଦ ବୃନ୍ଦ ପ୍ରମୁଖ ଦାବୀ କରିଛନ୍ତି ।

# ପୋଖରୀ ରେ ବୁଡି ଜଣେ ମୃତ

ପରଜଙ୍ଗ, (ମହାଭାରତ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନ ସାନ୍ଦା ଫାଣ୍ଡି ଅନ୍ତର୍ଗତ ରୋଡ ପଞ୍ଚାୟତ ଗଇଲୋ ଗ୍ରାମରେ ଘଟି ଯାଇଛି ଏକ ଦୁଃଖଦ ଘଟଣା। ସୂଚନା ଅନୁଯାୟୀ ଗଇଲୋ ଗ୍ରାମର ବୈଷ୍ଣବ ସାହୁ ଙ୍କ ପୁତ୍ର ଭୀମସେନ ସାହୁ (୫୫) ଆଜି ଦିନ ୧୧ ଘଟିକା ସମୟରେ ଗାଁ ର ପ୍ରଧାନ ବନ୍ଧ କୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ଗଭୀର ଜଳ ରେ ବୁଡି ଯାଇଥିଲେ ।ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀ ରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାନ୍ଦା ଫାଣ୍ଡି ଅଧିକାରୀ ଅନନ୍ତ ମାଝି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ।

# ବେଆଇନ ଶାଗୁଆନ କାଠ ଜବତ

ମୋହନା, (ମହାଭାରତ) : ଗଜପତି ଜିଲ୍ଲାରେ ବେଆଇନ କାଠ ଚାଲାଣ ବିରୋଧରେ ଚନ୍ଦ୍ରଗିରି ବନ ବିଭାଗ ଏକ ବଡ଼ ସଫଳତା ହାସଲ କରିଛି। ବିଳମ୍ବିତ ରାତିରେ ଜଗନ୍ନାଥପୁର ଛକ ନିକଟରେ ଚଢ଼ାଉ କରି ବନ ବିଭାଗ ଏକ ପିକ୍-ଅପ୍ ଗାଡ଼ିରୁ ୪୨ଟି ଶାଗୁଆନ କାଠ ପଟ୍ଟା ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଚଢ଼ାଉ ସମୟରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି। ସୂଚନା ଅନୁଯାୟୀ, ବାଉଁସୁରି ଗ୍ରାମ ଅଞ୍ଚଳରୁ ଓଡି-୦୭ଏମ-୧୩୬୨ ନମ୍ବର ବିଶିଷ୍ଟ ଏକ ମେକ୍ସ ପିକ୍-ଅପ୍ ଗାଡ଼ିରେ ବେଆଇନ ଭାବେ ଶାଗୁଆନ କାଠ ପଟ୍ଟା ଚାଲାଣ ହେଉଥିବା ନେଇ ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହାପରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗରାଜୁଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ବନପାଳ ଗଣେଶ ପ୍ରଧାନ, ବନରକ୍ଷୀ ସୂର୍ଯ୍ୟକାନ୍ତ ବାରିକ ଓ ଯୁ. ସୂର୍ଯ୍ୟ ପ୍ରକାଶଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।

## ମାନସିଂହ ସାହିତ୍ୟ ସଂସଦର ୬୯ ତମ କବିତା ଆସର

କୃଷ୍ଣପ୍ରସାଦ,(ମହାଭାରତ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାନସିଂହଙ୍କ ଗ୍ରାମ ନନ୍ଦଳା ଠାରେ ମାନସିଂହ ସାହିତ୍ୟ ସଂସଦ ର ୬୯ ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ରାଉରକେଲା ରୁ କବି ଶ୍ରୀମତୀ ମହାଶ୍ୱେତା ସାହୁ ଯୋଗଦେଇ କବିତାର ସ୍ୱରୂପ ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିବା ସହ ଅନ୍ୟ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ମୁଖ୍ୟ ଉପଦେଷ୍ଟା ଡ଼ ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଶ୍ରୀଯୁକ୍ତ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଉପଦେଷ୍ଟା ପ୍ରଫେସର ସରୋଜିନୀ ବରାଇ ଜେନ ଜେଡ କବି ମାନଙ୍କୁ ନିଜ କବିତା ମାଧ୍ୟମରେ ଆହ୍ୱାନ କରିଥିଲେ ।ସୁବର୍ଣ୍ଣପୁର ରୁ ରାଧାମୋହନ ପୂଜାହାରିଙ୍କ ଚମତ୍କାର ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଯଥା ଚନ୍ଦ୍ରା ମିଶ୍ର,ବିପ୍ଳବ ପତି,ପ୍ରଶାନ୍ତ ମହାନ୍ତି, ଶ୍ୱେତଶ୍ୱିନୀ ଜେନା, ବନ ବିହାରୀ ପଟ୍ଟନାୟକ, ଭାରତୀ ହୋତା, ବିଶ୍ୱଜିତ,ପ୍ରିୟା, ସମୀର ନାୟକ,ପୂର୍ଣ୍ଣ ଚନ୍ଦ୍ର ଜେନା,ନମିତା ସ୍ୱାଇଁ,ଦେବାଶିଷ ପ୍ରଧାନ, ସମେତ ପ୍ରାୟ ୪୦ ରୁ ଅଧିକ ସାହିତ୍ୟ ସାଧକ ସାଧିକା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରାଙ୍କ ମାତା ରମାମଣି ଦେବୀଙ୍କ ଉଦେଶ୍ୟରେ ଶୋକ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ଆସନ୍ତା ଅକ୍ଟୋବର ମାସର କବିତା ଆସର ଏବଂ ଏଇ ସହକାର ଉନ୍ମୋଚନ ଗୋଟେ ଦିନରେ ଅନୁଷ୍ଠିତ ହେବା ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ ।

## ନୂଆ ପାଟଣା ଗ୍ରାମ୍ୟ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି

**କେନ୍ଦ୍ରାପଡ଼ା,:** ନୂଆପାଟଣା ଗ୍ରାମ୍ୟ ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ନେଇ ୧୫ ନମ୍ବର ଜୋନ ସଭାପତି ତଥା ରାଜ୍ୟ କିଷାନ କଂଗ୍ରେସ ସୋସିଆଲ ମିଡ଼ିଆ ସଦସ୍ୟ ବିମାଂଶୁ ଭୂଷଣ ନନ୍ଦ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହିତ ସେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ଏସମ୍ପର୍କରେ ଜଣାଇ ତାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ନୂଆପାଟଣାରେ ବିଧାୟକ ପାଣ୍ଠି (ଏମଏଲଏ ଲ୍ୟାଡ) ସହାୟତାରେ ନିର୍ମାଣ ଚାଲିଥିବା ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ କରାଯାଉଛି । ସରକାରୀ ନୀତି ଓ ନିୟମ ଏବଂ ନିର୍ଦ୍ଧାରିତ ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଜଳାଞ୍ଜଳୀ ଦିଆଯାଇ ବାଲି ଏବଂ ମେଟାଲର ଅନୁପାତ ବଜାୟ ରଖାଯାଇ ନାହିଁ, ଯାହା ଫଳରେ ନିର୍ମାଣ ସରିବା ପୂର୍ବରୁ ଉକ୍ତ ରାସ୍ତା ଫାଟିବା ଆରମ୍ଭ ହେଲାଣି ।ସୂଚନା ଫଳକ ନଥିବା ବେଳେ କାର୍ଯ୍ୟସ୍ଥଳରେ ପ୍ରକଳ୍ପର ଅଟକଳ ମୂଲ୍ୟ, ଠିକାଦାର କିମ୍ବା କାର୍ଯ୍ୟନିର୍ବାହୀ ସଂସ୍ଥାର ନାମ ଦିଆଯାଇନାହିଁ । ବିଭାଗୀୟ ଯନ୍ତ୍ରୀ ବା ଅଧିକାରୀଙ୍କ ଉପସ୍ଥିତି ବିନା କାର୍ଯ୍ୟ କରାଯାଇ ସରକାରୀ ଅର୍ଥର ଅପବ୍ୟୟ କରାନଯାଉ । ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଏଭଳି କାର୍ଯ୍ୟ କରିଥିବା ସଂସ୍ଥା ଓ ସରକାରୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭଲ ରାସ୍ତା ଉପଯୁକ୍ତ ଗୁଣାବତ୍ତା ସହିତ ପୂନଃ ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଛି ।

## ଯୁବପିଢିଙ୍କ ପାଇଁ ଜାତୀୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ



**କେନ୍ଦ୍ରାପଡ଼ା:** ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ଓ ଦେଶ ଗଠନ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିକସିତ ଭାରତଯୁବ ନେତୃତ୍ୱ ସଂଳାପ- ୨୦୨୭ ଆୟୋଜିତ ହେଉଛି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ମାଇଁ ଭାରତ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି । ଏହି ସଂଳାପ ମାଧ୍ୟମରେ ଯୁବମାନଙ୍କୁ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ସୁଯୋଗ ମିଳିବ । ଏହାର ପ୍ରଥମ ପର୍ଯ୍ୟାୟ ଭାବେ ବିକଶିତ ଭାରତ କୁଇଜ ଆୟୋଜିତ ହେଉଛି । ଏହା ଏକ ଜାତୀୟ ସ୍ତରର ଅନଲାଇନ୍ କୁଇଜ୍ ଯାହା ମାଇଁ ଭାରତ ପୋର୍ଟାଲ୍ ମାଧ୍ୟମରେ ବିଭିନ୍ନ ଭାଷାରେ ଆୟୋଜିତ ହେଉଛି ଓ ଯୋଗ୍ୟ ଯୁବମାନେ ବ୍ୟକ୍ତିଗତ ଭାବେ ଏଥିରେ ଅଂଶଗ୍ରହଣ କରିପାରିବେ । କୁଇଜ୍‌ରେ ଚୟନିତ ଅଂଶଗ୍ରହଣକାରୀମାନେ ପରବର୍ତ୍ତୀ ବିକଶିତ ଭାରତ ଏସେ ଚ୍ୟାଲେଞ୍ଜ ପର୍ଯ୍ୟାୟକୁ ଯିବେ ।୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକ/ଯୁବତୀ ଏଥିରେ ଅଂଶଗ୍ରହଣ କରିପାରିବେ । ମାଇଁ ଭାରତ ପୋର୍ଟାଲ୍‌ରେ ପୂର୍ବରୁ ପଞ୍ଜୀକୃତ ଥିବା ଯୁବମାନଙ୍କୁ ପୁନର୍ବାର ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ ଓ ଅନ୍ୟ ଯୋଗ୍ୟ ଯୁବମାନେ ପୋର୍ଟାଲ୍‌ରେ ପଞ୍ଜିକରଣ କରି ଏହି ପ୍ରକ୍ରିୟାରେ ଯୋଗଦେଇପାରିବେ । ବର୍ତ୍ତମାନ ବିକଶିତ ଭାରତ କୁଇଜ୍ ୧୭ ଅଗଷ୍ଟରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ ଯୁବକ/ଯୁବତୀଙ୍କୁ ଏହି ସମୟସୀମା ମଧ୍ୟରେ କୁଇଜ୍‌ରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି । ଏହି କୁଇଜ୍ ମାଧ୍ୟମରେ ଯୁବମାନେ ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ଆଗକୁ ବଢ଼ିବାର ସୁଯୋଗ ପାଇପାରିବେ । କୁଇଜ୍ ପରେ ଚୟନିତ ଯୁବମାନେ ୫୦୦ ଶବ୍ଦର ବିକଶିତ ଭାରତ ଏସେ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ୫୦ଟି ନିବନ୍ଧକୁ ଜିଲ୍ଲା ଚମ୍ପିୟନସିପ୍‌ର ପିପିଟି ପର୍ଯ୍ୟାୟ ପାଇଁ ଚୟନ କରାଯିବ । ସେଠାରୁ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ଦୁଇଜଣ ପ୍ରସ୍ତୁତକାରୀ ରାଜ୍ୟ ସ୍ତର ପାଇଁ ଯୋଗ୍ୟତା ହାସଲ କରିବେ । ରାଜ୍ୟ ସ୍ତରରେ ଚୟନିତ ଯୁବମାନେ ନିଜର ଚିନ୍ତାଧାରା ଓ ପ୍ରସ୍ତୁତି ଏକ ଜୁରି ସମ୍ମୁଖରେ ଉପସ୍ଥାପନ କରିବେ । ରାଜ୍ୟ ପ୍ରଦର୍ଶନ ଆଧାରରେ ଜାତୀୟ ପର୍ଯ୍ୟାୟ ପାଇଁ ରାଜ୍ୟ ଦଳ ଚୟନ କରାଯିବ । ଏହା ମାଧ୍ୟମରେ ବିଭିନ୍ନ କ୍ଷେତ୍ରର ପ୍ରତିଭାବାନ ଯୁବମାନେ ନିଜର ଦକ୍ଷତା ପ୍ରଦର୍ଶନର ସୁଯୋଗ ପାଇପାରିବେ । ଜିଲ୍ଲାର ଯୋଗ୍ୟ ଯୁବମାନଙ୍କୁ ବିକଶିତ ଭାରତ କୁଇଜ୍‌ରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ଏହି ଜାତୀୟ ଯୁବ ମଞ୍ଚର ଅଂଶ ହେବାକୁ ଅନୁରୋଧ କରାଯାଇଛି ଓ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ନିଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ମାଇଁ ଭାରତ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲା ଯୁବ ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## କଲେଇଯାଉ ଗ୍ରାମର ମୌଳିକ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର



କରଞ୍ଜିଆ,(ମହାଭାରତ) ସ୍ୱାଧୀନତାର ୮୦ତମ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଆଜି ବି ଅନେକ ଆଦିବାସୀ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି । ସରକାରୀ ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଇବାର ଦାବି ମଧ୍ୟରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମପଞ୍ଚାୟତର କଲେଇଯାଉ ଗ୍ରାମରେ । ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ପ୍ରାୟ ୩ କିଲୋମିଟର ଦୂରରେ ଥିବା ଏହି ଗ୍ରାମ ଆଜି ବି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ । ଗ୍ରାମର ସମସ୍ୟା ସମାଧାନ ଦାବିରେ ଗ୍ରାମବାସୀମାନେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ, କଲେଇଯାଉ ଗ୍ରାମରେ ୫୨ଟି ପରିବାରର ୨୧୨ ଜଣ ଲୋକ ବସବାସ କରୁଛନ୍ତି । ଏତେ ବଡ଼ ଜନସଂଖ୍ୟା ପାଇଁ ଗ୍ରାମରେ ମାତ୍ର ଗୋଟିଏ ସୌରଚାଳିତ ନଳକୂପ ରହିଛି । ଏହା ୨୧୨ ଜଣ ଲୋକଙ୍କ ପାଇଁ ଯଥେଷ୍ଟ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମରେ ଆଉ ନଳକୂପ ସ୍ଥାପନ ସହ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି । ସେହିପରି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ମଧ୍ୟ ଦୟନୀୟ । ପ୍ରାୟ ୪୦ ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ଚାଲିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ଏକ ପରିବାରର ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବାରୁ ଶିଶୁମାନଙ୍କ ପାଠପଢ଼ା ସହ ବିଭିନ୍ନ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି । ବର୍ତ୍ତମାନ କେନ୍ଦ୍ରରେ ୧୪ ଜଣ ଶିଶୁ, ୯ ଜଣ ପ୍ରସୂତି ଓ ୨ ଜଣ ଗର୍ଭବତୀ ରହିଥିବା ଗ୍ରାମବାସୀ କହିଛନ୍ତି । ତେଣୁ ତୁରନ୍ତ ଏକ ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ କରିବାକୁ ଦାବି ହୋଇଛି । ଅନ୍ୟପକ୍ଷରେ, ଗ୍ରାମରେ ୧୯୯୦ ମସିହାରୁ ପ୍ରାଥମିକ ବିଦ୍ୟାଳୟ ଚାଲିଆସୁଛି । ୧୯୯୬ ମସିହାରେ ନିର୍ମିତ ଶ୍ରେଣୀଗୃହ ଦୀର୍ଘବର୍ଷ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଥିଲା । ପୂର୍ବରୁ ସେହି ବିପଦସଙ୍କୁଳ ଘରେ ପିଲାମାନଙ୍କ ପାଠପଢ଼ା ଚାଲୁଥିଲା । ଗତ ୪ ସେପ୍ଟେମ୍ବର ୨୦୨୫ ରାତିରେ ପ୍ରବଳ ବର୍ଷା ଯୋଗୁଁ ବିଦ୍ୟାଳୟର ପୁରୁଣା ମାଟି କାନ୍ଥ ଘର ଭୁଶୁଡ଼ି ପଡ଼ିଥିଲା । ଏହାପରେ ବିଡିଓ ସ୍ୱପ୍ନେଶ୍ୱର ବେହେରା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ୬ ମାସ ପାଇଁ ଗ୍ରାମର କୌଣସି ବ୍ୟକ୍ତିଙ୍କ ଘରେ ପିଲାଙ୍କ ପାଠପଢ଼ା ଚାଲୁ ରଖିବା ଏବଂ ଏହି ସମୟ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ହେଲେ ପୁଣି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ ବୋଲି କୁହାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ତେବେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଶ୍ରେଣୀଗୃହ ନିର୍ମାଣ ହୋଇନଥିବାରୁ ଆଜି ପର୍ଯ୍ୟନ୍ତ ଜଣେ ଗ୍ରାମବାସୀଙ୍କ ଘରେ ହିଁ ପିଲାମାନଙ୍କ ପାଠପଢ଼ା ଚାଲିଛି । ଏହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବା ସହ ଶିକ୍ଷାର ପରିବେଶ ମଧ୍ୟ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମର ପାନୀୟଜଳ, ଅଙ୍ଗନୱାଡି ଗୃହ, ବିଦ୍ୟାଳୟ ପାଇଁ ନୂତନ ଶ୍ରେଣୀଗୃହ ସମେତ ଅନ୍ୟାନ୍ୟ ମୌଳିକ ସମସ୍ୟାର ଶୀଘ୍ର ସମାଧାନ ଦାବି କରି ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ କୃଷ୍ଣଚନ୍ଦ୍ର ମୁର୍ମୁ, ଅଭିନାଶ ଟୁଡୁ, ଦୁର୍ଯ୍ୟୋଧନ ଟୁଡୁ, ଜଗଦୀଶ ଟୁଡୁ, ବୁଧୁରାମ ଟୁଡୁ, ଭାଗବତ ମୁର୍ମୁଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ, ରୋଗୀମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ପ୍ରଦାନ ଏବଂ ସ୍ୱାସ୍ଥ୍ୟସେବାକୁ କିପରି ଅଧିକ ସୁବ୍ୟବସ୍ଥିତ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ରୋଗୀଙ୍କ ସୁବିଧା ତଥା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସିଦ୍ଧାର୍ଥ ଦାଶ, ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ଏବଂ ବିପିଏମ୍ ତୁଷାର ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ଓ ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବା ପାଇଁ ଆଗାମୀ ଦିନରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅପରପକ୍ଷରେ, ଅପରାହ୍ଣରେ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମଧ୍ୟ ସମାନ ଭାବେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟସେବାର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଜିଲ୍ଲା ବିଦ୍ୟାଳୟସ୍ତରୀୟ ପାରମ୍ପାରିକ ନୃତ୍ୟକଳା ପ୍ରତିଯୋଗିତା ଅନୁଷ୍ଠିତ



ଗଜପତି(ମହାଭାରତ): ପାରଳାଖେମୁଣ୍ଡି-ସ୍ଥାନୀୟ ମହେନ୍ଦ୍ରଗିରି (ପୌର)ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲା ବିଦ୍ୟାଳୟସ୍ତରୀୟ ପାରମ୍ପରିକ ନୃତ୍ୟକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟଅତିଥି ଭାବେ ଏନସିଇଆରଟି ଭୂବନେଶ୍ୱରର ପ୍ରଫେସର ଶଂକର ପ୍ରସାଦ ମହାନ୍ତି ମୁଖ୍ୟଅତିଥି,ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ ବିଶିଷ୍ଟ ଅତିଥି,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍.ଗିରିଧର, ଜିଲ୍ଲା ବିଜ୍ଞାନ ନିରିକ୍ଷକ ୱାଇ. କ୍ରିଷ୍ଣା ରାଓ,ସମାଜସେବା ତଥା ବିଦ୍ୟାଳୟର ପୁରାତନ ଛାତ୍ର ଭାଗବତ ପାଢୀ ଓ ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ ।ବିଦ୍ୟା ଅଧ୍ୟୟନ ସହ ମାନସିକ ସନ୍ତୁଳନ ରକ୍ଷା କରିବା ସକାଶେ ସାଂସ୍କୃତିକ ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଂକୁ ଉତ୍ସାହିତ କରିଥାଏ ।ନିଜ ବକ୍ତବ୍ୟରେ ସେମାନଂକୁ ସଂଯମତା ଓ ଜ୍ଞାନ ଶକ୍ତି ଉଭୟକୁ ଅଭ୍ୟାସ ରଖି ମସ୍ତିଷ୍କ ମୁକ୍ତ ରଖିବାକୁ ଆହ୍ୱାନ କରିଥିଲେ ।ଜିଲ୍ଲାର ୭ଟି ବ୍ଲକରୁ ବିଭିନ୍ନ ବିଦ୍ୟାଳୟରୁ ଭାଗନେଇଥିବା ପ୍ରତିଯୋଗୀଂକ ମଧ୍ୟରୁ ପାରଳାଖେମୁଣ୍ଡି ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଥମ,ଲିଂଗିପୁର ଓଡିଶା ଆଦର୍ଶ ବିଦ୍ୟାଳୟ ଦ୍ୱିତୀୟ ଏବଂ ରାୟଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ବିଚାରକ ଭାବେ ଆଦର୍ଶ ଦାସ ଓ ବିନ୍ଦୁପ୍ରିୟା ବେହେରା ଯୋଗଦାନ କରି ପ୍ରତିଯୋଗୀ ମାନଂକ ମୂଲ୍ୟାଙ୍କନ କରିଥିଲେ ।କାର୍ଯ୍ୟକ୍ରମକୁ ସୁଜାତା ନନ୍ଦ ଓ ରଶ୍ମିତା କୁମାରୀ ନନ୍ଦ ସଂଯୋଜନା କରିଥିଲେ ।ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

## ରଥ ସେବା ସମ୍ମାନକୁ 'ଟିମ୍ ଜଗନ୍ନାଥ'ଙ୍କୁ ସମର୍ପିତ କଲେ ସତ୍ୟଜିତ ନାଏକ



**କଟକ,:** ରଥଯାତ୍ରାର ସୁରକ୍ଷିତ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିଚାଳନାରେ ଅବଦାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜିପି ଡଃ ସତ୍ୟଜିତ ନାଏକ, ଆଇପିଏସ୍‌ଙ୍କୁ 'ରଥ ସେବା ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଛି । ପୁରୀରେ ଆୟୋଜିତ ସମାରୋହରେ ସମ୍ମାନ ଗ୍ରହଣ କରି ଡଃ ନାଏକ ଏହାକୁ ସମଗ୍ର 'ଟିମ୍ ଜଗନ୍ନାଥ'ଙ୍କୁ ସମର୍ପିତ କରିଛନ୍ତି । ସେ କହିଛନ୍ତି, "ରଥଯାତ୍ରାର ସଫଳତା କୌଣସି ଜଣେ ବିଭାଗ କିମ୍ବା ବ୍ୟକ୍ତିର ସଫଳତା ନୁହେଁ । ଏହା ସମଗ୍ର ଟିମ୍ ଜଗନ୍ନାଥର ସଫଳତା ।" ପୁଲିସ, ପ୍ରଶାସନ, ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ, ଚିକିତ୍ସା ଓ ଜରୁରୀକାଳୀନ ସେବାକର୍ମୀ, ସଫେଇ କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ମିଳିତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ଡଃ ନାଏକଙ୍କ ମତରେ, ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ଆସ୍ଥା, ଭକ୍ତି, ସମାନତା ଓ ମାନବୀୟ ଏକତାର ମହାପର୍ବ । ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନରେ ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥା ଜଡ଼ିତ ଥିବାରୁ ରଥର ସୁରକ୍ଷିତ ଗତି ସହ ଭକ୍ତଙ୍କ ଜୀବନ ଓ ମର୍ଯ୍ୟାଦା ରକ୍ଷା କରିବା ପୁଲିସ ପାଇଁ ଏକ ପବିତ୍ର ସେବା ବୋଲି ସେ କହିଥିଲେ ।

## ଜିଲ୍ଲାସ୍ତରୀୟ ଏଡସ ସଚେତନତା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ



ଗଜପତ(ମହାଭାରତ): ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଓ ଭାରତୀୟ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖା,ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଗଜପତି, ଜିଲ୍ଲା ଜୁନିଅର ରେଡକ୍ରସ ସହଯୋଗରେ ଗଜପତି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲାସ୍ତରୀୟ ଏଡ୍ସ ସଚେତନତା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ, ଗଜପତି ଜିଲ୍ଲାର ୭ ଟି ବ୍ଲକ୍ ରୁ ବଛାଯାଇଥିବା ୧୪ ଟି ବିଦ୍ୟାଳୟରେ ଜୁନିଅର ରେଡକ୍ରସ ତରଫରୁ ରେଡ୍ ରିବନ କ୍ଲବ ଖୋଲା ଯାଇଛି । ୧୪ ଟି ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ହିଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।ଏହି ପ୍ରତିଯୋଗିତା ରେ ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ତବାରସିଂ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ର ଛାତ୍ରୀ ଖୁସି ପ୍ରଧାନ ଓ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ର ଛାତ୍ର ଶ୍ରୀ ସଂଜୀବ ଗମାଙ୍ଗ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଡ୍ସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏହା ନିବାରଣ ସମ୍ପର୍କରେ ସଠିକ ସୂଚନା ପ୍ରଦାନ କରିବା ।ଜିଲ୍ଲାସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ମାୟାଧର ସାହୁ,ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର,ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶ୍ରୀ ସଂଜୀବ କୁମାର ଦାସ, ଜିଲ୍ଲା ଜୁନିଅର ରେଡକ୍ରସ ସମ୍ବଳ ସାଧନ କର୍ମୀ ଶ୍ରୀ ମୁକ୍ତିକାନ୍ତ ମଲ୍ଲିକ୍ ,ପ୍ରହ୍ଲାଦ ଶିଅଳ, ନୀତେଶ ଲେଙ୍କା,ୟୁ. ଚିନା ରାଓ ଏବଂ ଜିଲ୍ଲା ଆଇ.ସି.ଟି.ସି ପର୍ଯ୍ୟବେକ୍ଷକ ଶ୍ରୀ ଶକ୍ତି ପ୍ରସାଦ ପଟ୍ଟନାୟକ ଓ ପରାମର୍ଶଦାତ୍ରୀ ହରପ୍ରିୟା ଜେନା ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ରେଡ୍ ରିବନ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକମାନେ ଉପସ୍ଥିତ ଥିଲେ ।

## କଟକ ସଦର ଥାନା ପକ୍ଷରୁ ଗଣେଷ ପୂଜା ପ୍ରସ୍ତୁତି ବୈଠକ



**କଟକ :** ସେପ୍ଟେମ୍ବର ୧୪ ରେ ଅନୁଷ୍ଠିତ ହେବ ଗଣେଶ ପୂଜା ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ କିପରି ପାଳନ କରାଯିବ ସେନେଇ ତା ୧୦-୯-୧୦୨୬ ସନ୍ଧ୍ୟାରେ ସି ଏମ ସି ୫୮ ନମ୍ବର ୱାର୍ଡ ପ୍ରତାପନଗରୀ ସ୍ଥିତ ମା ଧକୁଲାଇଙ୍କ ପୀଠରେ କମିଶନରେଟ ପୋଲିସ କଟକ ସଦର ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କଟକ ସଦର ଥାନାର ଆଇ ଆଇ ସି ତୁଷାରକାନ୍ତ ସେଠୀ ଅଧକ୍ଷତା କରିଥିଲେ । ଆୟୋଜିତ ବୈଠକ ରେ ମୁଖ୍ୟ ଅତିଥି ଭାବେ କଟକ ର ଅତିରିକ୍ତ ଡି ସି ପି ରଂଜିତ କୁମାର୍ ପୃଷ୍ଟି ଜୋନ -୪ ଏସିପି ଅମିତାଭ ମହାପାତ୍ର , କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ,ବିକ୍ରମ ଶତପଥୀ, ବରିଷ୍ଟ ସାମ୍ବାଦିକ ଲଳିତ କୁମାର୍ ଦାଶ , ସୁରେନ୍ଦ୍ର ମହାପାତ୍ର,ସ୍ୱାଧୀନଚେତା ମହାନ୍ତି, ନିମାଇଁ ଚରଣ ଲେଙ୍କା, ନିହାର ରଞ୍ଜନ ପଣ୍ଡା, ପ୍ରମୋଦ କୁମାର ସ୍ୱାଇଁ , ଅତିରିକ୍ତ ଥାନା ଅଧିକାରି ପ୍ରଶାନ୍ତ କୁମାର ପାଣି , ଏ ଏସ୍ ଆଇ ପ୍ରମୋଦ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷ ବାବା ଗଜାନନଙ୍କ ପୂଜା ଏବଂ ଭସାଣୀ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ବୈଠକ ରେ ଉପସ୍ଥିତ ଥିବା ପୂଜା କମିଟିର ସଦସ୍ୟ କର୍ମକର୍ତ୍ତା ମାନଙ୍କୁ କମିଶନରେଟ ପୋଲିସର ଗାଇଡ ଲାଇନ୍ ସମ୍ପର୍କରେ ସୂଚନା ଦେଇଥିଲେ । ସେଇପରି ତିନୋଟି ରବିବାର ସେପ୍ଟେମ୍ବର ୨୦ ,୨୭ ଓ ଅକ୍ଟୋବର ୪ ରେ ଭଷାଣୀ ଉତ୍ସବ ପାଳନ କରାଯିବ । ପୂଜା ଏବଂ ଭଷାଣୀ ଉତ୍ସବ ପାଇଁ ପୂଜା କମିଟିର କର୍ମକର୍ତ୍ତା ମାନେ କିପରି ସରକାରୀ ନିୟମକୁ ମାନି ମୂର୍ତ୍ତି ବିସର୍ଜନ ସମୟରେ ନିଶାମୁକ୍ତ , ଡିଜେ ମୁକ୍ତ , ଉଚ୍ଚ ସମ୍ପନ୍ନ ବାଣକୁ ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବୈଠକରେ କଟକ ସଦର ଥାନାର ସମସ୍ତ ଅଫିସର୍ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ମହାନଦୀର ଛାତିରେ ବଢୁଛି ଜଳ, ହୀରାକୁଦରେ ବାଜିଲା ସତର୍କ ଘଣ୍ଟି

**ସମ୍ବଲପୁର, :** ମହାନଦୀର ଜଳଧାରା ଆଜି ପୁଣି ଓଡ଼ିଶାର ଚିନ୍ତା ଓ ଚେତନାକୁ ଛୁଇଁଛି । ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବଢୁଥିବା ବେଳେ ସ୍ଲୁଇସ୍ ଗେଟ୍ ଖୋଲିବା ପାଇଁ ସାଇରନ୍ କ୍ରମାଗତ ଭାବେ ବାଜିଛି । ଏହା କେବଳ ଏକ ବନ୍ଧର ସୂଚନା ନୁହେଁ,ମହାନଦୀ କୂଳରେ ବସବାସ କରୁଥିବା ହଜାର ହଜାର ପରିବାର ପାଇଁ ଏକ ସତର୍କ ଘଣ୍ଟି ।ଶୁକ୍ରବାର ସକାଳ ୯ଟାର ହୀରାକୁଦ ଜଳଭଣ୍ଡାର ରିପୋର୍ଟ ଅନୁଯାୟୀ, ଜଳସ୍ତର ୬୨୯.୦୨ ଫୁଟ୍‌ରେ ପହଞ୍ଚିଛି ଏବଂ ଏହା ବଢୁଛି ।ନଦୀବନ୍ଧର ଜଳ ପଉନ କ୍ଷମତା ୬୩୦ ଫୁଟ ଥିବାବେଳେ ବର୍ତ୍ତମାନ କୁ ଏକ ଫୁଟ ତଳେ ରହିଛି । ପୁଣି ଲଘୁଚାପ । ପାଣିପାଗ ବିଭାଗ ପୂର୍ବାନୁମାନ କରି ସଚେତନ କରାଇଛି ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ବର୍ତ୍ତମାନ ସୁଦ୍ଧା କୌଣସି ସ୍ଲୁଇସ୍ ଗେଟ୍ ଖୋଲାଯାଇନାହିଁ । କିନ୍ତୁ ଜଳଭଣ୍ଡାରକୁ ହାରାହାରି ୩୪,୨୩୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୨୧,୫୩୩ କ୍ୟୁସେକ୍ ଜଳ ବାହାରୁଛି ।ବର୍ତ୍ତମାନ ବାହାରୁଥିବା ଜଳର ମୁଖ୍ୟ ଅଂଶ ପାୱାର ଚ୍ୟାନେଲ୍ ମାଧ୍ୟମରେ ୧୭,୧୬୦ କ୍ୟୁସେକ୍ ରହିଛି । ଶିଳ୍ପ ବ୍ୟବହାର ପାଇଁ ୨୨୧ କ୍ୟୁସେକ୍ ଏବଂ ବିଭିନ୍ନ କେନାଲ ମାଧ୍ୟମରେ ମୋଟ ୪,୧୫୨ କ୍ୟୁସେକ୍ । ଜଳ ଛଡ଼ାଯାଉଛି । ହୀରାକୁଦରୁ ତଳକୁ ମହାନଦୀର ବିଭିନ୍ନ ଗେଜ୍ । ଷ୍ଟେସନ୍‌ର ତଥ୍ୟ ମଧ୍ୟ ପରିସ୍ଥିତି ପ୍ରତି ନଜର ରଖିବାର ଆବଶ୍ୟକତା ଦର୍ଶାଉଛି । ପଥରଳାରେ ୧,୧୬,୦୬୩ କ୍ୟୁସେକ୍, ଖଇରମାଳରେ ୧,୫୮,୦୦୦ କ୍ୟୁସେକ୍, ବରମୂଳରେ ୭୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀରେ ୯୭,୮୦୦ କ୍ୟୁସେକ୍ ଜଳପ୍ରବାହ ରେକର୍ଡ ହୋଇଛି । ବିଶେଷକରି ଖଇରମାଳ ଓ ପଥରଳାରେ ଜଳପ୍ରବାହ ବଢୁଥିବା ପ୍ରବଣତା ନଜରକୁ ଆସୁଛି । ତେଣୁ ମହାନଦୀର ତଳମୁଣ୍ଡରେ ଥିବା ଅଞ୍ଚଳଗୁଡ଼ିକୁ ପ୍ରଶାସନିକ ନିରୀକ୍ଷଣ ସହିତ ଜନସାଧାରଣଙ୍କ ସଚେତନତା ମଧ୍ୟ ଅତ୍ୟନ୍ତ ଜରୁରୀ ।ହୀରାକୁଦ ବନ୍ଧର ସାଇରନ୍ । ଶୁଣିଲେ ଆତଙ୍କିତ ହେବା ନୁହେଁ, ବରଂ ପ୍ରଶାସନର ନିର୍ଦ୍ଦେଶ ମାନିବା ହିଁ ଏବେ ସବୁଠାରୁ ବଡ଼ ଦାୟିତ୍ୱ । ନଦୀକୂଳ, ତଳିଆ ଅଞ୍ଚଳ, ନଦୀ ଭିତରକୁ ଯିବା ରାସ୍ତା ଓ ଜଳମଗ୍ନ ହେବାର ସମ୍ଭାବନା ଥିବା ସ୍ଥାନରେ ଲୋକେ ଅନାବଶ୍ୟକ ଭାବେ ଭିଡ଼ ନକରିବା ଆବଶ୍ୟକ ।ମହାନଦୀ କେବଳ ଏକ ନଦୀ ନୁହେଁ,ଏହା ଓଡ଼ିଶାର ଜୀବନଧାରା । ତା'ର ଉପରମୁଣ୍ଡରେ ହୀରାକୁଦର ଜଳସ୍ତର ବଢ଼ିବାଠାରୁ ତଳମୁଣ୍ଡରେ ଜଳପ୍ରବାହ ବଢ଼ିବା ପର୍ଯ୍ୟନ୍ତ ପ୍ରତ୍ୟେକ ତଥ୍ୟ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ସହ ଜଡ଼ିତ ।ତେଣୁ ଆଜି ବାଜୁଥିବା ସାଇରନ୍ ?କୁ ଭୟର ଶବ୍ଦ ଭାବେ ନୁହେଁ, ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବାର ଏକ ଆଗୁଆ ସତର୍କ ସଙ୍କେତ ଭାବେ ଗ୍ରହଣ କରିବା ହିଁ ସମୟର ଆହ୍ୱାନ ।ନଦୀବନ୍ଧର ସୁରକ୍ଷା, ଜଳ ପରିଚାଳନା, ସମ୍ଭାବ୍ୟ ବର୍ଷା ସବୁ ଦିଗକୁ ଦୃଷ୍ଟିରେ ରଖି କୌଣସି ସମୟରେ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଲୁଇସ ଗେଟ ଖୋଲି ପାରନ୍ତି । ଯାହା ମହାନଦୀ ଓ ମହାନଦୀ ଅନ୍ତର୍ଗତ ଶାଖା ପ୍ରଶାଖା ନଦୀ ନାଳ ଅଞ୍ଚଳରେ ପ୍ରଭାବ ପକାଇବା ସମ୍ଭାବନା ରହିଛି । ତେଣୁ ମହାନଦୀ ତଳି ଅଞ୍ଚଳ ବାସୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଆଗୁଆ ସୂଚନା ମାଧ୍ୟମରେ ସଚେତନ କରାଯାଇଛି ।

## ପଶ୍ଚିମ ଏସିଆ ଯୁଦ୍ଧ: ହୁତିଙ୍କ ଉପରେ ଆମେରିକା ଆକ୍ରମଣ କରୁ ବୋଲି ସାଉଦି ଆରବ ଚାହୁଁଥିଲା, ଦୁଇ ଥର ଫୋନ୍ ଲଗାଇଲେ, କିନ୍ତୁ ମାନିଲେନି ଟ୍ରମ୍ପ



ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ଚଳିତ ବର୍ଷ ଫେବ୍ରୁଆରି ୨୮ ତାରିଖରେ ଆରମ୍ଭ ହୋଇଥିବା ସଂଘର୍ଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଇରାନ ଓ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ସାଉଦି ଆରବ ଓ ୟେମେନର ହୁତି ବିଦ୍ରୋହୀଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧିର କାରଣ ହୋଇଛି।

ରିପୋର୍ଟ ଅନୁଯାୟୀ, ସାଉଦି ଆରବର ଯୁବରାଜ ମହମ୍ମଦ ବିନ୍ ସଲମାନ ହୁତି ବିଦ୍ରୋହୀଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକାକୁ ଅନୁରୋଧ କରିଥିଲେ। ଏକ୍ସିଓସ୍‌ର ଏକ ରିପୋର୍ଟ ଅନୁଯାୟୀ, ଏହି ପ୍ରସଙ୍ଗରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଫୋନ୍‌ରେ ଦୁଇଥର କଥା ହୋଇଥିଲେ। ହୁତି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିବାକୁ ସେ ଟ୍ରମ୍ପଙ୍କୁ ଦୁଇଥର ଫୋନ୍‌ରେ କହିଥିଲେ। ହୁତିମାନେ ଲୋହିତ ସାଗରକୁ ଯାଉଥିବା ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥକୁ ଅବରୋଧ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ୟେମେନରେ ବୃଦ୍ଧି ପାଉଥିବା ସଂଘର୍ଷ ବିଷୟରେ ଚିନ୍ତା ପ୍ରକାଶ କରିଥିଲେ, କିନ୍ତୁ ହୁତିମାନଙ୍କ ବିରୋଧରେ ଆକ୍ରମଣ କରିବାକୁ ଟ୍ରମ୍ପ ମନା କରିଦେଇଥିଲା। ଏହି ବିଷୟରେ କଥା ହୋଇ ଦୁଇଜଣ ଆମେରିକୀୟ ଅଧିକାରୀ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ବର୍ତ୍ତମାନ ହୁତିମାନଙ୍କ ବିରୋଧରେ ସିଧାସଳଖ ସାମରିକ ହସ୍ତକ୍ଷେପ କରିବାର କୌଣସି ଯୋଜନା ନାହିଁ। ଆମେରିକାର କେନ୍ଦ୍ରୀୟ କମାଣ୍ଡ କମାଣ୍ଡର ଆଡମିରାଲ ବ୍ରାଡ କୁପର ରିୟାଦ ଗସ୍ତ କରିଥିଲେ ଓ ଜରୁରୀ ସମନ୍ୱୟ ବୈଠକରେ ଅଂଶଗ୍ରହଣ କରିଥିଲେ। ତଥାପି, ଏହି ବିଷୟରେ ହ୍ୱାଇଟ୍ ହାଉସ୍ କିମ୍ବା ସାଉଦି ଆରବ ସରକାରଙ୍କ ପକ୍ଷରୁ କୌଣସି ସରକାରୀ ବିବୃତି ଦିଆଯାଇ ନାହିଁ। ଜୁଲାଇ ୨୦୨୬ ରେ ସାଉଦି ଆରବ ଓ ହୁତିମାନଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା ଯେତେବେଳେ ସାଉଦି ଆରବ ଏକ ଇରାନୀ ବିମାନକୁ ୟେମେନର ରାଜଧାନୀ ସାନାରେ ଅବତରଣ କରିବାକୁ ବାରଣ କରିଥିଲା। ହୁତି ବିଦ୍ରୋହୀଙ୍କର ଜଣେ ବରିଷ୍ଠ ଅଧିକାରୀ ଏହି ବିମାନରେ ଥିଲେ। ପରେ ହୁତିମାନେ ଲୋହିତ ସାଗରରେ ସାଉଦି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ଆରମ୍ଭ କରିଥିଲେ। ଏହି ଘଟଣା ପରେ ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା।

## ମୁମ୍ବାଇ ଏୟାରପୋର୍ଟରେ ମସଜିଦକୁ ନେଇ ବିବାଦ



ମହାରାଷ୍ଟ୍ର: ମୁମ୍ବାଇ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ପରିସରରେ ନିର୍ମିତ ଏକ ମସଜିଦକୁ ବେଆଇନ ବୋଲି ଦର୍ଶାଇ ଏହାକୁ ହଟାଇବା ପାଇଁ ଆଦେଶ ଦେଇଛି ମହାରାଷ୍ଟ୍ର ରିଜିଓନାଲ୍ ଆଣ୍ଡ ଡେଭଲପମେଣ୍ଟ ଅଥରିଟି । ବିମାନବନ୍ଦରର ଟର୍ମିନାଲ୍-୨ର ଭିଆଇପି ଆରାଇଭାଲ୍ ଏବଂ ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳରେ ନିର୍ମିତ ଏହି ମସଜିଦ ପାଇଁ ନିର୍ମାଣ ଅନୁମତି ଦିଆଯାଇନଥିଲା । ତେଣୁ ଏବେ ଏହାକୁ ହଟାଯିବ ବୋଲି ସୂଚନା ମିଳିଛି।

ସୂଚନାନୁଯାୟୀ, ଛତ୍ରପତି ଶିବାଜୀ ମହାରାଜ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟର ଟର୍ମିନାଲ୍-୨ ନିକଟରେ ନିର୍ମିତ ମସଜିଦ ଭଳି ଦେଖାଯାଉଥିବା ଏକ କୋଠା ବେଆଇନ ଏବଂ ବିନା ଅନୁମତିରେ ନିର୍ମାଣ କରାଯାଇଛି ବୋଲି ଗଗଜଉଇ ସ୍ପଷ୍ଟ କରିଛି । ଏହାରି ମଧ୍ୟରେ ଏହି ମାମଲାକୁ ନେଇ ବିଜେପି ନେତା କିରିଟ ସୋମାୟାଙ୍କ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି । ସେ କହିଛନ୍ତି ଯେ, "ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଅଧୀନରେ ମରାଠୀ ମୁମ୍ବାଇକୁ ମୁସଲିମ୍ ମୁମ୍ବାଇରେ ପରିଣତ କରାଯାଉଛି । ଆପଣ ବାନ୍ଦ୍ରା ରେଳ ଟର୍ମିନସ୍ ନିକଟରେ ମଧ୍ୟ ଦେଖିଥିବେ ଯେ, ସେଠାରେ ବହୁ ସଂଖ୍ୟାରେ ବାଂଲାଦେଶୀ ମୁସଲିମ୍ ଆସିଛନ୍ତି ।"

ବିଜେପି ନେତାଙ୍କ କହିବା ଅନୁସାରେ, ମୁମ୍ବାଇ ଏୟାରପୋର୍ଟର ଭିଆଇପି ଗେଟ୍ ଠାରୁ ମାତ୍ର ୧୫୦ ଫୁଟ୍ ଦୂରରେ ପ୍ରାୟ ୨ରୁ ଅଢ଼େଇ ହଜାର ବର୍ଗଫୁଟ୍ ଅଞ୍ଚଳରେ ଏହି ମସଜିଦ ନିର୍ମାଣ କରାଯାଇଛି । ଏହା ସମ୍ପୂର୍ଣ୍ଣ ଏୟାର କଣ୍ଡିସନ୍ଡ ବୋଲି ସେ ଦାବି କରିଛନ୍ତି । ଏଥିରେ ୧୨ଟି ବଡ଼ ଏୟାର କଣ୍ଡିସନର୍ ଏବଂ ପାଣିର ୩୦ଟି ଟ୍ୟାପ୍ ଲଗାଯାଇଛି ବୋଲି ମଧ୍ୟ ସେ କହିଛନ୍ତି । ଏହା ବିରୋଧରେ ସେ ପୂର୍ବରୁ ସ୍ୱର ଉଠାଇଥିବା ମଧ୍ୟ କହିଛନ୍ତି । ଏବେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ମୁମ୍ବାଇ ମେଟ୍ରୋପଲିଟାନ୍ ରିଜିଓନ୍ ଡେଭଲପମେଣ୍ଟ ଅଥରିଟି ମୁମ୍ବାଇ ଏୟାରପୋର୍ଟ କମ୍ପାନୀକୁ ଏହା ଭୁଲ୍ ବୋଲି ଚେତାବନୀ ଦେଇଛି।

ଅନ୍ୟପକ୍ଷରେ, ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟର ଟି ୨ ନିକଟରେ ନିର୍ମିତ ମସଜିଦକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ଶରଦ ପାୱାର ଗୋଷ୍ଠୀର ପ୍ରତିକ୍ରିୟା ମଧ୍ୟ ଆସିଛି । ବିଧାୟକ ରୋହିତ ପାୱାର କହିଛନ୍ତି ଯେ, "ମୁମ୍ବାଇ ଏୟାରପୋର୍ଟ ଭିତରେ କୌଣସି ମସଜିଦ ଥିବା ମୋତେ ଜଣା ନଥିଲା। ଯେଉଁ ନିଷ୍ପତ୍ତି ନିଆଯାଇଛି, ଯାହା ସମ୍ଭବତଃ ସୁରକ୍ଷା ଏବଂ ବିମାନ କିମ୍ବା ସାଧାରଣ ଲୋକଙ୍କୁ କୌଣସି ପ୍ରକାର ସମସ୍ୟାରୁ ରକ୍ଷା କରିବା ପାଇଁ ନିଆଯାଇଥିବ । ସେହି ନିଷ୍ପତ୍ତି କିଏ ଏବଂ କାହିଁକି ନେଇଛି, ତାହା ଆମକୁ ଜାଣିବାକୁ ପଡ଼ିବ । ମସଜିଦଟି ଏୟାରପୋର୍ଟ ପରିସର ଭିତରେ ଅଛି ନା ବାହାରେ ଅଛି ତାହା ମଧ୍ୟ ଦେଖିବାକୁ ପଡିବ । କାରଣ ଏହି ମାମଲା ସମ୍ପର୍କରେ ମୋ ପାଖରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ, ତେଣୁ ଏହା ଉପରେ ମୁଁ କୌଣସି ମନ୍ତବ୍ୟ ଦେଇପାରିବି ନାହିଁ ।"

## ବିହାର ବନ୍ୟା ସ୍ଥିତି ସଙ୍ଗୀନ୍ : ୪୬ ଲକ୍ଷ ଲୋକ ପ୍ରଭାବିତ



ପାଟନା: ବିହାରରେ ବନ୍ୟା ସ୍ଥିତି ସଙ୍ଗୀନ ରହିଛି। ୧୫ ଜିଲ୍ଲାରେ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଗଙ୍ଗା, ଗଣ୍ଡକ, ବୁଢ଼ୀ ଗଣ୍ଡକ, କୋଶୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିହାର ବିପର୍ଯ୍ୟୟ ପରିଚାଳନା ବିଭାଗ ସଦ୍ୟ ବୁଲେଟିନ୍ ଅନୁଯାୟୀ, ୧୫ ଜିଲ୍ଲାର ୮୮ ବ୍ଲକ, ୫୬୧ ଗ୍ରାମ ପଞ୍ଚାୟତରେ ୪୬.୮୮ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଜିଲ୍ଲା ମଧ୍ୟରେ ପାଟନା, ଭୋଜପୁର, ସରଣ, ବେଶାଳୀ, ଭାଗଲପୁର, ବେଗୁସରାଇ ବକ୍ସର, ସମସ୍ତିପୁର, ମୁଙ୍ଗେର୍, କଟିହାର୍, ଲକ୍ଷ୍ମୀସରାଇ, ଖଗରିଆ, ପୂର୍ଣ୍ଣିଆ, ମଧେପୁରା, ଅରରିୟା ରହିଛି। ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲାମାନଙ୍କ ମଧ୍ୟରେ ଭାଗଲପୁର, ପାଟନା, ସରଣ, ବେଶାଳୀ, ବେଗୁସରାଇ, କଟିହାର, ପୂର୍ଣ୍ଣିଆ ଓ ବକ୍ସର ରହିଛି। ବିହାର ପାଣିପାଗ ବିଭାଗ କେନ୍ଦ୍ର ସୂଚନା ଅନୁଯାୟୀ, ସେପ୍ଟେମ୍ବରରେ ଏପର୍ଯ୍ୟନ୍ତ ୯୦ ମିମି ବର୍ଷା ରେକର୍ଡ଼ କରାଯାଇଛି, ଯାହାକି ସାଧାରଣଠାରୁ ୨୦ ପ୍ରତିଶତ ଅଧିକ। ଶୁକ୍ରବାର ସକାଳ ୬ଟାରେ ଗଙ୍ଗା ନଦୀ ଭାଗଲପୁରର ସୁଲତାନଗଞ୍ଜଠାରେ ବିପଦ ସଙ୍କେତଠାରୁ ୨.୧୨ ମିଟର ଉପରେ ୩୬.୬୨ ମିଟରରେ ପ୍ରବାହିତ ହେଉଥିଲା। ବନ୍ୟା ସ୍ଥିତିକୁ ଦେଖି ରାଜ୍ୟରେ ୧୧୯୪ଟି କମ୍ୟୁନିଟି କିଚେନ୍ ଖୋଲା ଯାଇଛି। ବିପନ୍ନଙ୍କ ପାଇଁ ୧୫ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ଯେଉଁଠାରେ ୧୧,୨୫୫ ଜଣ ବନ୍ୟା ପୀଡିତଙ୍କ ପାଇଁ ରହିବା, ଖାଦ୍ୟ, ଚିକିତ୍ସା ଓ ଅନ୍ୟାନ୍ୟ ଜରୁରୀ ସେବାର ବ୍ୟବସ୍ଥା କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କୁ ଏପର୍ଯ୍ୟନ୍ତ ପ୍ରାୟ ୩.୧୦ ଲକ୍ଷ ପଲିଥିନ୍ ସିଟ୍ ଓ ୪୮,୩୦୦ ଶୁଷ୍କ ରାସନ ପ୍ୟାକେଟ ବଣ୍ଟନ କରାଯାଇଛି। ସ୍ଥାନାନ୍ତର ଏବଂ ପରିବହନକୁ ସହଜ କରିବା ପାଇଁ ମୋଟ ୧୯୨୨ ଡଙ୍ଗା ପରିଚାଳିତ ହେଉଛି। ଏପର୍ଯ୍ୟନ୍ତ ୭୫୩୫ କ୍ୱିଣ୍ଟାଲ ପଶୁ ଖାଦ୍ୟ ବଣ୍ଟନ କରାଯାଇଛି। ରିଲିଫ ଓ ଉଦ୍ଧାରକାର୍ଯ୍ୟ ପାଇଁ ୨୭ଟି ଏସ୍‌ଡିଆର୍‌ଏଫ୍ ଓ ୧୦ଟି ଏନ୍‌ଡିଆର୍‌ଏଫ୍ ଟିମ୍ ବିଭିନ୍ନ ଜିଲ୍ଲାରେ ମୁତୟନ କରାଯାଇଛି। ଆସନ୍ତା ଦୁଇ ଦିନ ପାଇଁ ରାଜ୍ୟରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ଓ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ପାଇଁ ପାଣିପାଗ ବିଭାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଭୂକମ୍ପରେ ଥରି ଉଠିଲା ତିବ୍ବତ

ତିବ୍ବତ: ଭାରତ ସମେତ ବିଶ୍ୱର ଅନେକ ଦେଶରେ ନିରନ୍ତର ଭୂମିକମ୍ପ ଲୋକଙ୍କ ହୃଦୟରେ ଭୟ ସୃଷ୍ଟି କରିଛି । ସାମ୍ପ୍ରତିକ ସମୟରେ ଭୂମିକମ୍ପ ଯୋଗୁଁ ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଛି । ଆଜି ସକାଳେ ତିବ୍ବତରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୩.୭ ଥିବା ଜଣାପଡିଛି । ଶୁକ୍ରବାର ତିବ୍ବତରେ ହୋଇଥିବା ଭୂମିକମ୍ପ ବିଷୟରେ ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ସୂଚନା ଜାରି କରିଛି । ସଂସ୍ଥା ଅନୁଯାୟୀ, ଶୁକ୍ରବାର ଭୋର ୪ଟା ୨ ମିନିଟ୍ ସମୟରେ ତିବ୍ବତରେ ୩.୭ ତୀବ୍ରତାର ଭୂମିକମ୍ପ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୩୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ସେପଟେ ଏନସିଏସ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୬ ଟା ୫୬ ମିନିଟରେ ପଶ୍ଚିମବଙ୍ଗରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୩ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୯ କିଲୋମିଟର ଗଭୀରତାରେ ଥିଲା ।

## ଦିଲ୍ଲୀ କୋର୍ଟରେ ସତ୍ୟ ନିକେତନ ପିଜି ଅପରେଟର ଶୁଭମ୍ ତ୍ୟାଗୀଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ: ଦିଲ୍ଲୀର ସତ୍ୟ ନିକେତନ ପିଜି ଅପରେଟର ଶୁଭମ୍ ତ୍ୟାଗୀ ଦିଲ୍ଲୀର ଏକ କୋର୍ଟରେ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ବୁଧବାର ତାଙ୍କର ଆଗୁଆ ଜାମିନ ଆବେଦନ ଖାରଜ ହେବା ପରେ ଶୁଭମ ତ୍ୟାଗୀ ପଟିଆଲା ହାଉସ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଶୁଭମ୍‌ଙ୍କ ସାଥୀ ସୁଧାଂଶୁଙ୍କୁ ସେପ୍ଟେମ୍ବର ୯ ତାରିଖରେ ଗିରଫ କରାଯାଇଥିଲା। ଡିସିପି (ଦକ୍ଷିଣପଶ୍ଚିମ) ଅମିତ ଗୋଏଲ ତ୍ୟାଗୀଙ୍କ ଗିରଫଦାରୀ ସମ୍ପର୍କରେ ସୂଚନା ଦେଇଛନ୍ତି। ଦିଲ୍ଲୀ ସତ୍ୟ ନିକେତନରେ ପାଞ୍ଚ ମହଲା କୋଠା ଭୁଶୁଡ଼ିବା ମାମଲାରେ ଏହା ଷଷ୍ଠ ଗିରଫଦାରୀ। ପଟିଆଲା ହାଉସ କୋର୍ଟ ଅଧିକ ତଦନ୍ତ ପାଇଁ ଓ ପଚରାଉଚରା ସମୟରେ ଉଭୟଙ୍କୁ ସାମ୍ନା ସାମ୍ନି କରିବା ପାଇଁ ଦିଲ୍ଲୀ ପୁଲିସକୁ ତ୍ୟାଗୀ ଓ ସୁଧାଂଶୁଙ୍କୁ ଦୁଇ ଦିନର ହେପାଜତକୁ ନେଇଛନ୍ତି। ପିଜି ଭୁଶୁଡ଼ିବା ପରଠାରୁ ତ୍ୟାଗୀ ଫେରାର୍ ଥିଲା। ପୁଲିସ୍ ତ୍ୟାଗୀକୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। କୋଠା ଭୁଶୁଡ଼ିବା ପରେ କ'ଣ ଘଟିଥିଲା ତାହା ଜାଣିବା ପାଇଁ ତଦନ୍ତକାରୀମାନେ ସୁଧାଂଶୁଙ୍କ ମୋବାଇଲ୍ ଫୋନ୍ ରେକର୍ଡ ଓ ଅନଲାଇନ୍ ଚାଟ୍ ଇତିହାସ ଯାଞ୍ଚ କରୁଥିବା କହିବାର ଗୋଟିଏ ଦିନ ପରେ ଏହି ଘଟଣା ଘଟିଛି। ପୁଲିସ କହିଛି ଯେ, ସୁଧାଂଶୁଙ୍କ ଫୋନ୍ ଫରେନସିକ୍ ପରୀକ୍ଷା ପାଇଁ ପଠାଯାଇଛି। ଏହି ମାମଲାରେ ପୁଲିସ କୋଠା ମାଲିକଙ୍କ ପୁଅ ମହେଶ, ଶ୍ରମିକ ଠିକାଦାର ସନୋଜ କୁମାର ଓ ପିଜି ଅପରେଟର ସୁଧାଂଶୁଙ୍କୁ ଗିରଫ କରିଛି। କୋଠା ମାଲିକ ହରିରାମ ଗୁପ୍ତା (୮୧) ଓ ତାଙ୍କ ପତ୍ନୀ ଉର୍ମିଳା (୭୫) ମଧ୍ୟ ବିଚାର ବିଭାଗୀୟ ହାଜତରେ ଅଛନ୍ତି ବୋଲି ପୁଲିସ କହିଛି।

## ଭୁଶୁଡ଼ିଲା ଚର୍ଚ୍ଚର ଛାତ, ୩ ମୃତ ଓ ୧୧ ଆହତ

ତାମିଲନାଡୁ: ଗତକାଲି ରାତିରେ ତାମିଲନାଡୁର ଭେଲୋରରେ ଏକ ନିର୍ମାଣଧୀନ ଚର୍ଚ୍ଚର ଛାତ ଭୁଶୁଡ଼ି ପଡ଼ିଛି । ଫଳରେ ଭଗ୍ନାବଶେଷ ତଳେ ଚାପି ହୋଇ ୩ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଅଗ୍ନିଶମ ବାହିନୀ ଏବଂ ଘଉଜରର ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ସୂଚନାନୁଯାୟୀ, କଟପାଡି ନିକଟସ୍ଥ ମଣ୍ଡି କୃଷ୍ଣପୁରମରେ ନିର୍ମାଣାଧୀନ ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆ କୋଠାର ଛାତ ସ୍ଲାବ୍ ଭୁଶୁଡ଼ି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଶ୍ରମିକମାନେ ଛାତ ପାଇଁ କଂକ୍ରିଟ୍ ଢାଳୁଥିଲେ ଯେତେବେଳେ ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା । ଯାହା ଫଳରେ ଲୋକମାନେ ଭଗ୍ନାବଶେଷ ତଳେ ଫସି ଯାଇଥିଲେ । ସୂଚନା ପାଇବା ପରେ ଘଉଜରର ଟିମ୍, ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହିତ ମିଶି ନିର୍ମାଣସ୍ଥଳରେ ପହଞ୍ଚି ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଓ ୧୧ ଜଣ ଆହତ ହୋଇଛନ୍ତି । ଆହତ ୧୧ ଜଣ ଶ୍ରମିକଙ୍କୁ ଆମ୍ବୁଲାନ୍ସରେ ଭେଲୋର ସରକାରୀ ମେଡିକାଲ କଲେଜ ହସ୍ପିଟାଲ, ଖ୍ରୀଷ୍ଟିଆନ ମେଡିକାଲ କଲେଜ ହସ୍ପିଟାଲ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଚିତ୍ତୁରର ଏକ ହସ୍ପିଟାଲକୁ ନିଆଯାଇଥିଲା ।

## ସ୍କୁଲରେ ଅଗ୍ନିକାଣ୍ଡ, ୨୬ ମୃତ

କଙ୍ଗୋ: ଗୁରୁବାର ଦିନ କଙ୍ଗୋର ପୂର୍ବ ଡେମୋକ୍ରାଟିକ୍ ରିପବ୍ଲିକ୍ ସହର ବୁକାଭୁରେ ଏକ ବଡ଼ ଦୁଃଖଦ ଘଟଣା ଘଟିଛି। ଦୁଇଟି ସ୍କୁଲରେ ଅଗ୍ନିକାଣ୍ଡ ଘଟି ୨୬ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଆହତ ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ଆଗକୁ ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି । ସୂଚନାନୁଯାୟୀ, ପ୍ରଥମେ ନିଆଁ ଏକ ଘରେ ଲାଗିଥିଲା ଏବଂ ପରେ ପାଖାପାଖି ଦୁଇଟି ସ୍କୁଲକୁ ବ୍ୟାପିଯାଇଥିଲା, ଉଭୟ ପରସ୍ପର ନିକଟରେ ଅବସ୍ଥିତ । ଫୁରାହା ମାଧ୍ୟମିକ ବିଦ୍ୟାଳୟ ଏବଂ ଉଜାମାଆ ପ୍ରାଥମିକ ବିଦ୍ୟାଳୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ସମୟରେ ଫୁରାହା ମାଧ୍ୟମିକ ବିଦ୍ୟାଳୟ ଭିତରେ ଅନେକ ଛାତ୍ର ଫସି ରହିଥିଲେ । କେତେକଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ହୋଇ ହୋଇଥିଲା । ଫଳରେ ସ୍କୁଲରେ ଅରାଜକତା ସୃଷ୍ଟି ହୋଇଥିଲା । ଅନେକ ପିଲା ନିଜ ଜୀବନ ବଞ୍ଚାଇବାକୁ ଯାଇ ଝରକା ଡେଇଁ ଖସିଯିବାକୁ ଚେଷ୍ଟା କରିଥିଲେ । ଆଉ କିଛି ପିଲାଙ୍କର ଶ୍ୱାସରୁଦ୍ଧ ହୋଇ ଏବଂ ଦଳାଚକଟାରେ ଚାପି ହୋଇ ମୃତ୍ୟୁ ହୋଇଥିଲା । ଅନ୍ୟପଟେ ଅଧିକାରୀମାନେ କହିଛନ୍ତି ଯେ ରିଲିଫ୍ ଏବଂ ଚିକିତ୍ସା ପ୍ରୟାସ ଚାଲିଛି, ଏବଂ ମୃତକ ଏବଂ ଆହତଙ୍କ ସମ୍ପୂର୍ଣ୍ଣ ଗଣନା ଏବେ ବି ସଂଗ୍ରହ କରାଯାଉଛି । କିନ୍ତୁ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଭାବେ ଜଣାପଡିନାହିଁ ।



## ବ୍ରିକ୍ସ ସମିଟ୍ ପାଇଁ ଦିଲ୍ଲୀରେ କଡ଼ା ସୁରକ୍ଷା




ନୂଆଦିଲ୍ଲୀ: ୧୮ତମ ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି । ଏହା ସହିତ ରାଜଧାନୀ ଦିଲ୍ଲୀ ଏବେ ସୁରକ୍ଷା ବଳୟ ମଧ୍ୟରେ ରହିଛି । ସମ୍ମିଳନୀକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଭେଦ୍ୟ କରାଯାଇଛି । ଲୁଟିୟନ୍ସ ଦିଲ୍ଲୀ ଏବଂ ଭିଭିଆଇପି ଅଞ୍ଚଳଗୁଡ଼ିକୁ ଏକାଧିକ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ବିମାନବନ୍ଦରଠାରୁ ଭାରତ ମଣ୍ଡପମ ଏବଂ ବିଦେଶୀ ଅତିଥିମାନେ ରହିବାକୁ ଥିବା ହୋଟେଲ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନ ଉପରେ ସୁରକ୍ଷା ବଳର ତୀକ୍ଷ୍ଣ ନଜର ରହିଛି । ସୂଚନା ଅନୁସାରେ, ପ୍ରାୟ ୧୫ ହଜାର ପୁଲିସ କର୍ମଚାରୀ ଏବଂ ଅର୍ଦ୍ଧସାମରିକ ବଳର ୨୦୦ କମ୍ପାନୀ ଦିଲ୍ଲୀରେ ଭିଭିଆଇପି ଏବଂ ବିଦେଶୀ ଅତିଥିମାନଙ୍କ ସୁରକ୍ଷାରେ ମୁତୟନ ଅଛନ୍ତି । ଦିଲ୍ଲୀରେ ସୁରକ୍ଷା ଏତେ କଡ଼ା କରାଯାଇଛି ଯେ, ପରିନ୍ଦା ମଧ୍ୟ ପର ମାରିପାରିବ ନାହିଁ । ଜଣେ ଅଧିକାରୀଙ୍କ ଅନୁସାରେ, ଭିଭିଆଇପି ଅଞ୍ଚଳରେ ୫୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି । ଏଥିରେ ଫେସ୍ ରିକଗ୍ନିସନ୍ ସିଷ୍ଟମ୍ ସହିତ ଗାଡ଼ିର ନମ୍ବର ପ୍ଲେଟ୍ ଚିହ୍ନଟ କରୁଥିବା କ୍ୟାମେରା ମଧ୍ୟ ସାମିଲ ଅଛି । ଏହା ବ୍ୟତୀତ ବିଦେଶୀ ଅତିଥିମାନେ ରହିବାକୁ ଥିବା ହୋଟେଲଗୁଡ଼ିକରେ ମଧ୍ୟ ଦିଲ୍ଲୀ ପୁଲିସ ପକ୍ଷରୁ ଏକାଧିକ ସ୍ତରର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମୋଟ ୩୦ ହଜାରରୁ ଅଧିକ ସୁରକ୍ଷାକର୍ମୀ ମୁତୟନ ହୋଇ ପ୍ରତ୍ୟେକ ସ୍ଥାନ ଉପରେ ନଜର ରଖୁଛନ୍ତି । ଭିଭିଆଇପି ଅଞ୍ଚଳରେ ୫୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି । ଏଥିରେ ଫେସ୍ ରିକଗ୍ନିସନ୍ ଏବଂ ଗାଡ଼ିର ନମ୍ବର ପ୍ଲେଟ୍ ଚିହ୍ନଟ କରୁଥିବା କ୍ୟାମେରା ମଧ୍ୟ ରହିଛି । ସୁରକ୍ଷା ନିମନ୍ତେ ଏକ କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ତିଆରି କରାଯାଇଛି । ସେଠାରୁ ବିଭିନ୍ନ ଅଞ୍ଚଳରେ ଲଗାଯାଇଥିବା କ୍ୟାମେରା ମାଧ୍ୟମରେ ନଜର ରଖାଯାଉଛି । ବିଦେଶୀ ଅତିଥିମାନେ ଯେଉଁ ହୋଟେଲଗୁଡ଼ିକରେ ରହିବେ, ସେଠାରେ ମଧ୍ୟ ଏକାଧିକ ସ୍ତରର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଠଠଓଚ ଅଞ୍ଚଳଗୁଡ଼ିକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରାଯାଇଛି ଏବଂ ପ୍ରତ୍ୟେକ ଜୋନ୍‌ର ଦାୟିତ୍ୱ ଜଣେ ଲେଖାଏଁ ଡିସିପିଙ୍କୁ ଦିଆଯାଇଛି । ବିମାନବନ୍ଦର, ହୋଟେଲ ଏବଂ ସମ୍ମିଳନୀ ସ୍ଥଳ ମଧ୍ୟରେ ବିଦେଶୀ ଅତିଥିମାନଙ୍କ ଯାତାୟାତ ସମୟରେ ମଧ୍ୟ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ସୂଚନାଯୋଗ୍ୟ, ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଭାରତ ଆସୁଛନ୍ତି । ଦିଲ୍ଲୀ ପୁଲିସର ସୂଚନା ଅନୁସାରେ, ସାଧାରଣ ଲୋକଙ୍କ ପାଇଁ ସମସ୍ତ ରାସ୍ତା ଲଗାତାର ବନ୍ଦ ରହିବ ନାହିଁ । ଭିଭିଆଇପି ଯାତାୟାତ ସମୟରେ ଏବଂ ଆବଶ୍ୟକତା ଅନୁସାରେ କେବଳ କିଛି ରାସ୍ତାକୁ ଅଳ୍ପ ସମୟ ପାଇଁ ବନ୍ଦ କରାଯିବ । ପ୍ରଭାବିତ ରାସ୍ତାଗୁଡ଼ିକୁ ଏଡ଼ାଇ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି । ବ୍ରିକ୍ସ ସମ୍ମିଳନୀ ସମୟରେ ମେଟ୍ରୋ ସେବା ଉପରେ ସାଧାରଣ ଭାବେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଅର୍ଥାତ୍, ସଡ଼କ ପଥରେ କିଛି ସମୟ ପାଇଁ ଯାତାୟାତରେ ପରିବର୍ତ୍ତନ ହୋଇପାରେ, କିନ୍ତୁ ମେଟ୍ରୋରେ ଯାତ୍ରା କରୁଥିବା ଲୋକଙ୍କୁ ସାଧାରଣତଃ କୌଣସି ବଡ଼ ସମସ୍ୟା ହେବ ନାହିଁ ।

# ମ୍ୟାଚ୍ ଫିକ୍ସିଂ ସ୍କାନରରେ ଦୁଇ ପାକ୍ ଖେଳାଳିଙ୍କ ବ୍ୟାଙ୍କ ଆକାଉଣ୍ଟ

ନୂଆଦିଲ୍ଲୀ,୧୧।୯: ବିଶ୍ୱ କ୍ରିକେଟରେ ଫିକ୍ସିଂ ଝଡକ। ପାକିସ୍ତାନ କ୍ରିକେଟରେ ଫିକ୍ସିଂ ଝଡକୁ ନେଇ ହଇଚଇ। ବିବାଦରେ ପାକିସ୍ତାନ ଟିମର ଦୁଇ ବରିଷ୍ଠ ଖେଳାଳି ମହମ୍ମଦ ରିଜୱାନ ଓ ଇମାମ ଉଲ ହକ। ଫିକ୍ସିଂ ଚର୍ଚ୍ଚା ଭିତରେ ଲାହୋର ସ୍ଥିତ ପାକିସ୍ତାନର ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିଗେସନ ଏଜେନ୍ସି ବା ଏନସିସିଆଇଏ ଆଜି ରିଜୱାନ ଓ ଇମାନଙ୍କୁ ଘାଣ୍ଟିଛି। ଟିମ ଡ୍ରେସିଂ ରୁମ ତଥ୍ୟ ଲିକ ଅଭିଯୋଗ ଘଟଣାରେ ଉଭୟଙ୍କୁ ଜେରା କରାଯାଇଛି।




ପାକିସ୍ତାନ କ୍ରିକେଟ ବୋର୍ଡ ପୂର୍ବରୁ ଦୁଇ ଖେଳାଳିଙ୍କ ମୋବାଇଲ ଫୋନ ପ୍ରାଧିକୃତ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ଇଂଲଣ୍ଡ ବିପକ୍ଷ ଲର୍ଡସ ଟେଷ୍ଟ ପରେ ରିଜୱାନ ଓ ଇମାମଙ୍କ ସମେତ ୭ ଖେଳାଳିଙ୍କୁ ସ୍କ୍ୱାଡରୁ ବାଦ ଦିଆଯିବା ପରେ ଏପରି ପଦକ୍ଷେପ ନେଇଥିଲା ପିସିବି। ଏବେ ଦୁଇ ଖେଳାଳିଙ୍କୁ ଏନସିସସିଆଇଏ ଜେରା କରିଛି। ସେହିପରି ଉଭୟଙ୍କ ବ୍ୟାଙ୍କ ନେଣଦେଣର ମଧ ଖୋଳାତାଡ ଆରମ୍ଭ ହୋଇଛି।

ପାକିସ୍ତାନ ଭିତ୍ତିକ ନ୍ୟୁଜ ଏଜେନ୍ସି ଅନୁଯାୟୀ, ଦୁଇ ଖେଳାଳିଙ୍କ ସହ ଜଡିତ ଆର୍ଥିକ କାରବାର ଓ ସନ୍ଦିଗ୍ଧ ନେଣଦେଣର ଯାଞ୍ଚ କରୁଛି ଏନସିସସିଆଇଏ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଓ ଟେଷ୍ଟ ସିରିଜରେ ଦୁଇ ଖେଳାଳିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଆର୍ଥିକ କାରବାର ହୋଇଥିଲା କି ନାହିଁ, ତାହା ଏବେ ଫୋକସରେ ରହିଛି।

ଏଥିପାଇଁ ସେମାନଙ୍କ ବ୍ୟାଙ୍କ ତଥ୍ୟ ମାଗିଛି ଏନସିସସିଆଇଏ। ଯଦି ରିଜୱାନ ଓ ଇମାନଙ୍କ ସହ ଜଡିତ ବ୍ୟାଙ୍କ ଆକାଉଣ୍ଟରେ ଆର୍ଥିକ କାରବାର ହୋଇଛି, ତା'ହେଲେ ଏନସିସସିଆଇଏ ସେମାନଙ୍କୁ ଏହାର ଉତ୍ସ ସମ୍ପର୍କରେ ପଚରାଉଚରା କରିବ।ସ୍କ୍ୱାଡରୁ ବାଦ ପଡିଥିବା ୭ ଖେଳାଳିଙ୍କ ମଧ୍ୟରେ ଥିବା ରିଜୱାନ ଓ ଇମାମଙ୍କୁ ଏନସିସସିଆଇଏ ପ୍ରଥମେ ସମନ କରିଥିଲା। ପ୍ରଥମେ ଟିମ ଡ୍ରେସିଂ ରୁମ ତଥ୍ୟ ଲିକ୍ ହିଁ ତଦନ୍ତକାରୀ ସଂସ୍ଥାର ଫୋକସରେ ରହିଛି।ସମନ ପାଇବା ପରେ ଉଭୟ ଲିଖିତ ଭାବେ ସେମାନଙ୍କ ଜବାବ ରଖିଛନ୍ତି ଓ ନୋଟିସର ପୂର୍ଣ୍ଣ ଜବାବ ଦେବାକୁ ଆଉ କିଛି ସମୟ ମାଗିଛନ୍ତି। ଆଗାମୀ ଦିନରେ ଏନସିସସିଆଇଏ ରିଜୱାନ ଓ ଇମାମଙ୍କୁ ମୁହାଁମୁହିଁ ବସାଇ ଜେରା କରିପାରେ। ସୂତ୍ର ଅନୁସାରେ, ପିସିବି ପ୍ରଥମେ ରିଜୱାନ ଓ ଇମାମଙ୍କ ଫୋନକୁ ଜବତ କରିଥିଲା। ଏହାପରେ ସେଗୁଡିକୁ ଏନସିସସିଆଇଏ ପାଖକୁ ପଠାଇଥିଲା। ତଦନ୍ତ ବେଳେ ଏଗୁଡିକୁ ଅନବ୍ଲକ କରାଯାଇ ଯାଞ୍ଚ କରାଯିବ ବୋଲି ଜଣାପଡିଛି।

# ରୋହିତଙ୍କ ଧମାକାଦାର ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ,୧୧।୦୯: ରୋହିତ ଶର୍ମା ବର୍ତ୍ତମାନ ଭାରତ ପାଇଁ କେବଳ ଦିନିକିଆ ମ୍ୟାଚ୍ ଖେଳୁଛନ୍ତି। ତାଙ୍କର ଲକ୍ଷ ରହିଛି ଆସନ୍ତାବର୍ଷ ହେବାକୁ ଥିବା ଦିନିକିଆ ସିରିଜ ଖେଳିବା। ରୋହିତ ଗତ କିଛିଦିନ ହେବ, ତାଙ୍କର ଟିଭି ଶୋ'କୁ ନେଇ ଚର୍ଚ୍ଚାରେ ଥିଲେ, ଯାହାର ସୁଟିଂ ଶେଷ ହୋଇସାରିଛି। ଏହି ଶୋ ସେପ୍ଟେମ୍ବର ୧୯ ରେ ଟେଲିକାଷ୍ଟ ହେବ। ହିଟମ୍ୟାନ ଏବେ ଅଭ୍ୟାସ ଆରମ୍ଭ କରିସାରିଛନ୍ତି ଏବଂ ଏହାର ଭିଡିଓ ମଧ ସେ ସେୟାର କରିଛନ୍ତି।



ରୋହିତ ଶର୍ମା ଅଭ୍ୟାସ ସମୟର ଭିଡିଓ ସେୟାର କରିଛନ୍ତି। ପ୍ରାକ୍ଟିସରେ ସେ ଜବରଦସ୍ତ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗୁରୁବାର ଗୋଟିଏ କାର୍ଯ୍ୟକ୍ରମରେ ଜଣେ ପ୍ରଶଂସକ ତାଙ୍କୁ ପଚାରିଥିଲେ ଯେ, କଣ ରୋହିତ ଶର୍ମା ୨୦୨୭ ବିଶ୍ୱକପ୍ ଖେଳିବେ କିନ୍ତୁ ଏହି ପ୍ରଶ୍ନର ଉତ୍ତର ରୋହିତ ଏମିତି ଦେଲେ ଯେ, ଯାହାର କୌଣସି ସ୍ପଷ୍ଟିକରଣ ମିଳିପାରିନଥିଲା। ସେ କହିଲେ ଯେ,' ଅକ୍ଟୋବର ୨୦୨୭ ଅନେକ ଦୂର ଅଛି, ଏ ବିଷୟରେ ସେତେବେଳେ ଦେଖିବା।''

ଇଂଲଣ୍ଡ ଗସ୍ତ ସମୟରେ ଖବର ଆସିଥିଲା ଯେ, ରୋହିତ ଶର୍ମା ଲର୍ଡସରେ ତାଙ୍କର ଶେଷ ଦିନିକିଆ ଖେଳି ପାରନ୍ତି, କାହିଁକି ନା ଚୟନକର୍ତ୍ତା ଆଗାମୀ ଦିନିକିଆରେ ବିଶ୍ୱକପରେ ତାଙ୍କୁ ଦଳରେ ସାମିଲ କରିନପାରନ୍ତି। ଅବଶ୍ୟ ବିସିସିଆଇ ଏହି ଖବରକୁ ଖଣ୍ଡନ କରିଥିଲା। ନିକଟରେ ବସିଥିବା ସମୀକ୍ଷା ବୈଠକ ପରେ ବିସିସିଆଇ ସଚିବ ଦେବଜିତ ସୈକିଆ ମଧ କହିଥିଲେ, ରୋହିତ ଶର୍ମା ଭଲ ଖେଳୁଛନ୍ତି, ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ।ରୋହିତ ଶର୍ମା ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇସାରିଛନ୍ତି ଏବଂ ଏବେ ଭାରତ ପାଇଁ କେବଳ ଦିନିକିଆ ମ୍ୟାଚ୍ ଖେଳଛନ୍ତି। ଟିମ୍ ଇଣ୍ଡିଆର ପରବର୍ତ୍ତୀ ଦିନିକିଆ ସିରିଜ୍ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯିବ। ଭାରତ ବନାମ ଓ୍ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୨୭ ତାରିଖରେ ତିରୁବନନ୍ତପୁରମରେ ଖେଳାଯିବ।

# ଓଡିଶା ଏଫ୍‌ସିକୁ ଫେରିଲେ ନନ୍ଦକୁମାର

ଭୁବନେଶ୍ୱର,୧୧।୯: ଇଷ୍ଟ୍ ବେଙ୍ଗଲ୍ ଏଫ୍‌ସିରୁ କିଛି ଦିନ ଖେଳିବା ପରେ ନନ୍ଦକୁମାର ଶେକର ଶୁକ୍ରବାର ଭୁବନେଶ୍ୱର ଭିତ୍ତିକ ଆଇଏସ୍ଏଲ୍ ଦଳ ଓଡିଶା ଫୁଟ୍‌ବଲ୍ କ୍ଲବ୍ (ଓଏଫ୍‌ସି)କୁ ଫେରିଛନ୍ତି। ତାଙ୍କ ସହ ଓଡିଶା ଏଫ୍‌ସି ଗୋଟିଏ ବର୍ଷ (୨୦୨୬-୨୭) ଲାଗି ଚୁକ୍ତି କରିଛି। ପୂର୍ବରୁ ଏହି ଭୁବନେଶ୍ୱର କ୍ଲବ୍‌ରୁ ସେ ୪ ବର୍ଷ ଖେଳିଥିଲେ। ଏହି ସମୟ ମଧ୍ୟରେ ନନ୍ଦକୁମାର ୫୯ ଆଇଏସ୍ଏଲ୍ ମ୍ୟାଚ୍ ଖେଳିଥିଲା ବେଳେ ୭ ଗୋଲ୍ କରିଥିଲେ ଏବଂ ୫ଟିରେ ସହଯୋଗ କରିଥିଲେ। ୨୦୨୨-୨୩ ଋତୁରେ ତାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଓଡିଶା ଏଫ୍‌ସି ପ୍ରଥମ ଥର ଆଇଏସ୍ଏଲ୍ ପ୍ଲେଅଫ୍‌କୁ ଯୋଗ୍ୟତା ଅର୍ଜନ କରିବା ସହ ପ୍ରଥମ ଥର ଲାଗି ସୁପର କପ୍ ବିଜେତା ହୋଇଥିଲ। ଏହି ଆଇଏସ୍ଏଲ୍ ଋତୁରେ ସେ ୬ ଗୋଲ୍ କରିବା ସହ ଗୋଟିଏରେ ସହଯୋଗ କରିଥିଲେ। ସେ ମଧ୍ୟ ସୁପର୍ କପ୍‌ରେ ୪ ଗୋଲ୍ ଦେଇଥିଲେ। ଏହି ପ୍ରଦର୍ଶନ ଯୋଗୁଁ ସେ ଭାରତୀୟ ଦଳରେ ସାମିଲ ହୋଇଥିଲେ। ୨୦୨୩ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଭାନୁଆଟୁ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ଏହି ଓ୍ୱିଙ୍ଗର୍।




# ଅନଗୋଲ୍‌ଙ୍କ ଡବଲ୍ ଗୋଲ୍, ଫାଇନାଲରେ ଭାରତ

ନୂଆଦିଲ୍ଲୀ: ଚାଇନାରେ ଚାଲିଥିବା ଜୁନିୟର ପୁରୁଷ ଏସିଆ କପ ୨୦୨୬ରେ ଭାରତର ଦବଦବା। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ କମାଲ କରିଛନ୍ତି ଜୁନିୟର ହକି ଟିମର ଅଧିନାୟକ ତଥା ଓଡିଆ ପୁଅ ଅନମୋଲ ଇକ୍କା।

ତାଙ୍କ ଡବଲ ଗୋଲ୍ ଯୋଗୁ ଭାରତ ବେଶ ଚମତ୍କାର ଢଙ୍ଗରେ ମାଲେସିୟାକୁ ହରାଇ ଦେଇଛି। ମାଲେସିୟା ବିପକ୍ଷ ମ୍ୟାଚ୍‌କୁ ଭାରତ ୩-୧ରେ ଜିତି ଜୁନିୟର ଏସିଆ କପ ଫାଇନାଲରେ ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ଅନମୋଲ ୨ଟି ଗୋଲ ଦେଇଥିବା ବେଳେ ସୁଖବିନ୍ଦର ଭାରତ ପାଇଁ ଗୋଟିଏ ଗୋଲ ସ୍କର କରିଛନ୍ତି।

୫ଥର ଜୁନିୟର ଏସିଆ କପ ଜିତି ସାରିଥିବା ଭାରତ ଆଜି ମାଲେସିୟା ବିପକ୍ଷରେ ଆରମ୍ଭରୁ ଦମ ଦେଖାଇଥିଲା। ମ୍ୟାଚ୍‌ର ୧୬ତମ ମିନିଟରେ ଅନମୋଲ ଗୋଲ ସ୍କର କରି ଦଳକୁ ୧-୦ରେ ଆଗୁଆ କରିଦେଇଥିଲେ। କିନ୍ତୁ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଭାରତର ସମସ୍ତ ଆଟାକକୁ ମାଲେସିୟା ପଣ୍ଡ କରି ଦେଇଥିଲା।ଶେଷ କ୍ୱାର୍ଟରର ୬୪ ମିନିଟରେ ଭାରତ ପୁଣି ମାଲେସିୟାର ଡିଫେନ୍ସକୁ ଭେଦ କରିଥିଲା। ଆଉ ୫୧ତମ ମିନିଟରେ ସୁଖବିନ୍ଦର ଭାରତ ପାଇଁ ଦ୍ୱିତୀୟ ଗୋଲ ସ୍କର କରିଥିଲେ। ଏହାର ୨ ମିନିଟ ପରେ ଅଧିନାୟକ ଅନମୋଲ ପୁଣି ଗୋଟିଏ ଗୋଲ କରି ସ୍ଥିତି ୩-୦ କରି ଦେଇଥିଲେ।ମ୍ୟାଚ ସରିବାକୁ ଆଉ ମାତ୍ର ୬ ମିନିଟ ଥିବାରୁ ଭାରତ ଫାଇନାଲକୁ ଯିବା ନିଶ୍ଚିତ ହୋଇଥିଲା। ଭାରତ ମଧ ନିଜ ଆକ୍ରମଣକୁ ଧିମା କରି ଦେଇଥିଲା। ଏହାର ଫାଇଦା ମାଲେସିୟାକୁ ଶେଷ ମିନିଟରେ ମିଳିଥିଲା। ମାଲେସିୟାର ଏମ ରାହୁଲ ୬୦ତମ ମିନିଟରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କର କରିଥିଲେ। ହେଲେ ଭାରତ ୩-୧ରେ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଛି।



ଫାଇନାଲରେ ଭାରତର ମୁକାବିଲା ପାକିସ୍ତାନ କିମ୍ବା ଦକ୍ଷିଣ କୋରିଆ ସହ ହୋଇପାରେ। କାରଣ ଦ୍ୱିତୀୟ ସେମିରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଏହି ଦୁଇ ଦଳ। ଏମାନଙ୍କ ମଧ୍ୟରୁ ଯିଏ ଜିତିବ, ସେ ଭାରତ ବିପକ୍ଷରେ ଟ୍ରଫି ପାଇଁ ଟକ୍କର କରିବ। ଜୁନିୟର ଏସିଆ କପରେ ଭାରତ ଏଯାଏ ହାରି ନାହିଁ। ଗ୍ରୁପ ଏରେ ଥିବା ଭାରତ ୩ଟି ବିଜୟ ଓ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ପାଇ ସେମିରେ ପ୍ରବେଶ କରିଥିଲା। ଏବେ ଦଳ ମାଲେସିୟାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ଗ୍ରୁପରୁ ଦ୍ୱିତୀୟ ଦଳ ଭାବେ ଦକ୍ଷିଣ କୋରିଆର ୯ ପଏଣ୍ଟ ସହ ପ୍ରବେଶ କରିଛି।

# ଏସୀୟ କ୍ରୀଡା: ବାଦ୍ ପଡିଲେ ଅନୁ, ଭାଗନେବେ ସାବ୍‌ଲେ

ନୂଆଦିଲ୍ଲୀ: ହାଙ୍ଗଝେ ଏସୀୟ କ୍ରୀଡା ସ୍ୱର୍ଣ୍ଣ ବିଜୟିନୀ ଅନୁ ରାଣୀ ଆଗାମୀ ଆଇଚି-ନଗୋୟା ଏସୀୟ କ୍ରୀଡା ଲାଗି ଘୋଷିତ ଭାରତୀୟ ଦଳରୁ ନିଜ ସ୍ଥାନ ହରାଇଛନ୍ତି। ସେ ମହିଳା ଜାଭ୍‌ଲିନ୍ ଥ୍ରୋ ଯୋଗ୍ୟତା ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। ଗୁରୁବାର ଜେଏଲ୍ଏନ୍ ଷ୍ଟାଡିୟମ୍‌ରେ ହୋଇଥିବା ଭାରତୀୟ ଆଥ୍‌ଲେଟିକ୍ସ ଫାଇନାଲ୍ ସିରିଜ୍ ଥିଲା ଏସୀୟ କ୍ରୀଡା ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ପାଇଁ ମାନଦଣ୍ଡ ପୂରଣ ଏବଂ ନିଜର ଫିଟ୍‌ନେସ୍ ଓ ଆହତ ସମସ୍ୟାର ଶେଷ ମୂଲ୍ୟାଙ୍କନର ଶେଷ ସୁଯୋଗ। ଏହି ପ୍ରତିଯୋଗିତାରେ ଆହତ ଜନିତ ସମସ୍ୟାରୁ ମୁକୁଳି ଫେରିଥିବା ଅନୁ ୫୭.୫୦ ମିଟର ଜାଭ୍‌ଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ। ହେଲେ ଏସୀୟ କ୍ରୀଡା ଯୋଗ୍ୟତା ମାନଦଣ୍ଡ ୫୭.୬୨ ମିଟରଠୁ ୧୨ ସେଣ୍ଟିମିଟର ପଛରେ ରହିଯାଇଥିଲେ। ପ୍ରତିଯୋଗିତା ପୂର୍ବରୁ ଭାରତୀୟ ଦେଉଡ଼ କୁଦ ମହାସଂଘ (ଏଏଫ୍ଆଇ) ସମସ୍ତ ଖେଳାଳିଙ୍କୁ ଏସୀୟ କ୍ରୀଡା ଦଳରେ ରହିବାକୁ ହେଲେ ଯୋଗ୍ୟତା ମାନଦଣ୍ଡ ଛୁଇଁବା ବାଧ୍ୟତାମୂଳକ ବୋଲି ଜଣାଇ ଦେଇଥିଲା। ଅନୁ ଏହି ମାନଦଣ୍ଡ ଛୁଇଁ ପାରି ନଥିବାରୁ ଦଳରୁ ବାଦ୍ ପଡିଛନ୍ତି।




ଅନ୍ୟପକ୍ଷରେ ଆହତ ଯୋଗୁଁ ୧୪ ମାସ ବିରତି ପରେ ଫେରିଥିବା ୩୧ ବର୍ଷୀୟ ଅବିନାଶ ସାବ୍‌ଲେ ନିଜ ପ୍ରିୟ ଇଭେଣ୍ଟ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ଯୋଗ୍ୟତା ମାନଦଣ୍ଡ ୮:୩୬.୫୭ ସେକେଣ୍ଡକୁ ପାର୍ କରିଥିଲେ। ସେ ୮:୩୨.୩୯ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଏବେ ଏସୀୟ କ୍ରୀଡା ଷ୍ଟିପଲଚେଜ୍‌ରେ ନିଜ ମୁକୁଟ ବଜାୟ ରଖିବାକୁ ଚେଷ୍ଟା କରିବେ ଅଭିନାଶ। ପୂର୍ବରୁ ଏସୀୟ କ୍ରୀଡାରେ ପୁରୁଷ ୫୦୦୦ ମିଟରରେ ଅବିନାଶ ଭାଗନେବେ ବୋଲି ନିଶ୍ଚିତ ଥିଲା। ଏବେ ଏହି ସଫଳତା ପରେ ସେ ଉଭୟ ୫୦୦୦ ମିଟର ଦୌଡ ଏବଂ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଅଂଶଗ୍ରହଣ କରିବା ଥୟ ହୋଇଛି।

ଏମାନଙ୍କ ବାଦ୍ ଗତ ସଂସ୍କରଣ ମହିଳା ୧୦୦ ମିଟର ବାଧାଦୌଡ ରୌପ୍ୟ ବିଜୟିନୀ ଜ୍ୟୋତି ଯାରାଜୀ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡା ଉଚ୍ଚଡିଆଁ ପଦକ ବିଜେତା ଅନିଲ କୁଶାରେ ଓ ଟ୍ରିପଲ୍ ଜମ୍ପର୍ ପ୍ରବୀଣ ଚିତ୍ରାଭେଲଙ୍କୁ ଜାପାନ ଗସ୍ତ ପୂର୍ବରୁ ଫିଟ୍‌ନେସ୍ ପ୍ରମାଣପତ୍ର ଦେବାକୁ ଏଏଫ୍ଆଇ କହିଛି। ଗୁରୁବାର ପ୍ରତିଯୋଗିତାରେ ଏକମାତ୍ର ଖେଳାଳି ଭାବେ ତନ୍ୟା ଚୌଧୁରୀ (ହାମର ଥ୍ରୋ) ନୂଆ ଜାତୀୟ ରେକର୍ଡ କରିଥିଲେ। ସେ ୬୮.୩୫ ମିଟର ଫିଙ୍ଗି ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନ୍‌ସି ସୋଜାନ (୬.୩୭ ମିଟର) ମହିଳା ଲଙ୍ଗ୍ ଜମ୍ପରେ ଏବଂ ତଜିନ୍ଦର ପାଲ ସିଂହ ତୁର୍ (୨୦.୬୪ ମିଟର) ପୁରୁଷ ସଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ।

# ବାଳିକା ଯୁଗଳ ସେମିରେ ମାୟା

ନ୍ୟୁୟର୍କ: ଭାରତୀୟ ଟେନିସ୍ ଖେଳାଳି ମାୟା ରାଜେଶ୍ୱରନ୍ ରେବତୀ ଚଳିତ ୟୁଏସ୍ ଓପନ୍ କନିଷ୍ଠ ପ୍ରତିଯୋଗିତାର ବାଳିକା ଯୁଗଳ ସେମିଫାଇନାଲ୍‌ରେ ପ୍ରବେଶ କରି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ମାୟା ଓ ତାଙ୍କ ୟୁକ୍ରେନ୍ ସାଥୀ ଆଣ୍ଟୋନିନା ସୁଶକୋଭା ୬-୪, ୬-୪ ସିଧାସଳଖ ସେଟ୍‌ରେ ଚତୁର୍ଥ ମାନ୍ୟତାପ୍ରାପ୍ତ ରୁଷୀୟ ଯୋଡି ଫେଲିସ୍‌ତା ଡୋରୋଫିଭା-ରିବାସ୍ ଓ ଆନ୍ନା ପୁଶକାରେଭାଙ୍କୁ ପରାସ୍ତ କରିଥିଲେ।



ଏହି ଭାରତ-ୟୁକ୍ରେନ୍ ଯୋଡି ସେମିଫାଇନାଲ୍‌ରେ ଓ୍ୱାଇଲ୍ଡ କାର୍ଡଧାରୀ ସ୍ଥାନୀୟ ଖେଳାଳି ଆନ୍ନିକା ପେନିସ୍କାଭା ଓ କ୍ରିଷ୍ଟିନା ପେନିସ୍କାଭାଙ୍କୁ ଭେଟିବେ। ଗତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ଓ ଓ୍ୱିମ୍ବଲଡନ୍ କନିଷ୍ଠ ପ୍ରତିଯୋଗିତାରେ ବିଜେତା ହୋଇଥିବା ଆନ୍ନିକା ଓ କ୍ରିଷ୍ଟିନା କ୍ୱାର୍ଟରଫାଇନାଲ୍‌ରେ ଆଲିସା ଜେମ୍ସ ଓ ପୋଲିନା ସ୍କଲିଆର୍‌ଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ମାୟା ସଂପ୍ରତି ରାଫାଲ ନାଦାଲ ଏକାଡେମିରେ ପ୍ରଶିକ୍ଷଣ ନେଉଛନ୍ତି। ସେ ଗତ ବର୍ଷ ଓ୍ୱିମ୍ବଲଡନ୍ କନିଷ୍ଠ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଥିଲେ।

# ୟୁଏସ୍ ଓପନ୍: ଫାଇନାଲ୍‌ରେ ସାବାଲେଙ୍କା-ରିବାକିନା

ନ୍ୟୁୟର୍କ: ଶୀର୍ଷ ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କା ଓ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଏଲିନା ରିବାକିନା ଚଳିତ ୟୁଏସ୍ ଓପନ୍ ମହିଳା ଏକକ ଫାଇନାଲ୍‌ରେ ମୁହାଁମୁହିଁ ହେବେ। ଶୁକ୍ରବାର ସେମିଫାଇନାଲ୍‌ରେ ୪ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ବେଲାରୁଷ ଲଳନା ସାବାଲେଙ୍କା ସିଧାସଳଖ ୭-୫, ୬-୨ ସେଟ୍‌ରେ ସ୍ଥାନୀୟ ଖେଳାଳି ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ। ଏଥିସହ ସାବାଲେଙ୍କା ଚତୁର୍ଥ ଥର ଲାଗି ଲଗାତାର ଚତୁର୍ଥ ଥର ଫାଇନାଲ୍‌ରେ ପହଞ୍ଚିବା ସହ ହ୍ୟାଟ୍ରିକ୍ ଟ୍ରଫି ଲକ୍ଷ୍ୟରେ ରହିଛନ୍ତି। ୨୦୨୪, ୨୦୨୫ରେ ଏଠାରେ ଟ୍ରଫି ଜିତିଥିଲେ ଏବଂ ୨୦୨୩ରେ ଆମେରିକାର ଗଫ୍‌ଙ୍କଠୁ ହାରି ଉପବିଜୟିନୀରେ ସନ୍ତୁଷ୍ଟ ରହିଥିଲେ।



ଯଦି ୨୮ ବର୍ଷୀୟା ସାବାଲେଙ୍କା ୟୁଏସ୍ ଓପନ୍ ଜିତିବାରେ ହ୍ୟାଟ୍ରିକ୍ ତେବେ କ୍ରିସ୍ ଏଭର୍ଟ ଓ ସେରେନା ଓ୍ୱିଲିୟମ୍ସଙ୍କ ସମକକ୍ଷ ହେବେ।ଅନ୍ୟପକ୍ଷରେ ସେମିଫାଇନାଲ୍‌ରେ ପହଞ୍ଚି ବିଶ୍ୱର ୧ ନମ୍ବର ସ୍ଥାନ ନିଶ୍ଚିତ କରିଥିବା ୨ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ କାଜଖସ୍ତାନର ରିବାକିନା ୩-୬, ୬-୪, ୬-୪ ସେଟ୍‌ରେ ଗଫ୍‌ଙ୍କୁ ହରାଇଥିଲେ। ୨୦୨୨ ଓ୍ୱିମ୍ବଲଡନ୍ ଓ ୨୦୨୬ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ୨୭ ବର୍ଷୀୟା ରିବାକିନା ପ୍ରଥମ ସେଟ୍‌ରେ ହାରିବା ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟ୍ ସହଜରେ ଜିତି ପ୍ରଥମଥର ଲାଗି ନ୍ୟୁୟର୍କରେ ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ଯଦି ଟ୍ରଫି ଜିତନ୍ତି ତେବେ ୧ ନମ୍ବର ସ୍ଥାନ ବଜାୟ ରଖିବେ ନଚେତ୍ ପୁଣି ସାବାଲେଙ୍କା ଏହି ସ୍ଥାନକୁ ଫେରିବେ।

# ଭିଏତନାମ୍ ସୁପର ୧୦୦ ସେମିରେ ତନ୍ୱୀ




ଏନ୍‌ଗୁଏ ଷ୍ଟ୍ରିଟ୍: ଏଠାରେ ଚାଲିଥିବା ଭିଏତ୍‌ନାମ ଓପନ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ୩ ଭାରତୀୟ ମହିଳା ଖେଳାଳି ଶୀର୍ଷ ମାନ୍ୟତାପ୍ରାପ୍ତ ତନ୍ୱୀ ଶର୍ମା, ତୃତୀୟ ମାନ୍ୟତାପ୍ରାପ୍ତ ଇଶାରାଣୀ ବରୁଆ ଓ ରକ୍ଷିତା ଶ୍ରୀ ସନ୍ତୋଷ ରାମରାଜ (ଷଷ୍ଠ) ପ୍ରବେଶ କରିଛନ୍ତି। ତନ୍ୱୀ ଶର୍ମା ୨୧-୧୮, ୧୫-୨୧, ୨୧-୧୪ରେ ନିଜ ସାଥୀ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ୨୭ ନମ୍ବର ମାଳବିକା ବଂଶୁଦଙ୍କୁ ହରାଇଥିଲେ। ସେମିଫାଇନାଲ୍‌ରେ ତନ୍ୱୀ ଥାଇଲାଣ୍ଡର ସରୁନରାକ୍ ଭିତିଦ୍‌ସର୍ନଙ୍କୁ ଭେଟିବେ। ସେହିଭଳି ଇଶାରାଣୀ ୨୧-୧୫, ୨୧-୧୮ରେ ଚାଇନିଜ୍ ତାଇପେଇର ହୁଆଙ୍ଗ ଚିଙ୍ଗ ପିଙ୍ଗ୍‌ଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲ୍‌ରେ ସେ ରକ୍ଷିତା ଶ୍ରୀଙ୍କୁ ଭେଟିବେ। ରକ୍ଷିତା ୨୧-୧୨, ୨୧-୧୦ରେ ଆଉ ଜଣେ ଭାରତୀୟ ଖେଳାଳି ମାନସୀ ସିଂହଙ୍କୁ ପରାସ୍ତ କରିଥିଲେ। ତେବେ ମିଶ୍ରିତ ଯୁଗଳରେ ଭାରତୀୟ ଯୋଡି ବିମଳରାଜ ଆନ୍ନାଦୁରାଇ ଓ ଶ୍ରେୟା ବାଲାଜୀ ୧୨-୨୧, ୧୧-୨୧ରେ ଇଣ୍ଡୋନେସିଆର ଫୁଓ୍ୱାନାତ ହୋର୍ବାନ୍‌ଏୁଏକିତ୍ ଓ ଫୁଙ୍ଗଫା କୋର୍ପଥାମାକିତ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**